ODIA DAILY EDITION
06.04.2025
କଟକ, ରବିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଅପ୍ରେଲ-୦୬, ୨୦୨୫
ବର୍ଷ-୩୭, ସଂଖ୍ୟା-୨୬୮
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ପ୍ରତି ସଦସ୍ୟଙ୍କୁ ଆୟୁଷ୍ମାନ କାର୍ଡ: ସ୍ୱାସ୍ଥ୍ୟମନ୍ତ୍ରୀ

## କଟକ ବାଲିଯାତ୍ରା ପଡ଼ିଆରେ ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା

- ଦେଶର ୨୯ ହଜାର ହସ୍ପିଟାଲରେ ମିଳିବ ସୁବିଧା
- ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମିଳିବ ବୟୋ ବନ୍ଦନା କାର୍ଡ
- ୧୦ରେ ଓଡ଼ିଶା ଆସିବେ ନଡ୍ଡା




**ଭୁବନେଶ୍ୱର, ୫।୪:** ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ । ଏହି ଯୋଜନାରେ ରାଜ୍ୟରେ ୧ କୋଟି ୩ ଲକ୍ଷ ପରିବାରକୁ ସାମିଲ୍ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।ସେ କହିଛନ୍ତି ଯେ ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳୁଥିଲା । କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ମିଳିବ। ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ମିଳୁଥିଲା ବେଳେ ଏବେ ଦେଶର ୨୯ ହଜାରରୁ ଅଧିକ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି ।

ଏପ୍ରିଲ୍ ୧୧ରେ କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହେବ ।କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ । ବାଲିଯାତ୍ରା ପଡ଼ିଆରେ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ମୁକେଶ ମହାଲିଙ୍ଗ ।

ସେହିପରି ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମିଳିବ ବୟୋ ବନ୍ଦନା କାର୍ଡ। ସରକାରୀ କର୍ମଚାରୀ ହୁଅନ୍ତୁ କି ଆଇଟି ଦାଖଲ କରୁଥିଲେ ବି ମିଳିବ ଏହି କାର୍ଡ । ସେହିପରି ସମ୍ଭ୍ରାନ୍ତ ପରିବାରର ହୋଇଥିଲେ ବି ବୟୋ ବନ୍ଦନା କାର୍ଡ ମିଳିବ। ଜନସେବା କେନ୍ଦ୍ର କର୍ମଚାରୀ, ଆଶାକର୍ମୀ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ। ଗାଁକୁ ଗାଁ ବୁଲି ହିତାଧିକାରୀଙ୍କୁ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ।

ସୂଚନା ଅନୁସାରେ, ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିବା ସହ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା। ଏଥିପାଇଁ ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଂଚିବେ ଏବଂ ୧୨ ତାରିଖ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ। ଏମ୍ସରେ ଏକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ ନଡ୍ଡା । ଏହା ପରେ ବିଧାୟକ ଏବଂ ସାଂସଦ ମାନଙ୍କ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ । ଗସ୍ତ ଅବସରରେ ଦଳର କିଛି ନେତାଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ।

ଅନ୍ୟପକ୍ଷରେ କଟକର ବାଲିଯାତ୍ରା ପଡ଼ିଆରେ ଆସନ୍ତା ୧୧ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନାର ଶୁଭାରମ୍ଭ କରିବେ। ଏନେଇ ଆଜି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିଲାଗି ବାଲିଯାତ୍ରା ପଡ଼ିଆରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର କେତେକ ସଦସ୍ୟ ଉପସ୍ଥିତ ରହିବେ।

# ମୋଦୀଙ୍କୁ 'ଶ୍ରୀଲଙ୍କା ମିତ୍ର ବିଭୂଷଣ' ସମ୍ମାନ



**କଲମ୍ବୋ, ୫।୪:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ରାଷ୍ଟ୍ରପତି ଦିଶାନାୟକେ 'ଶ୍ରୀଲଙ୍କା ମିତ୍ର ବିଭୂଷଣ' ସମ୍ମାନରେ ସମ୍ମାନିତ କରିଛନ୍ତି ।କୃତଜ୍ଞତା ଜ୍ଞାପନ କରି ଶ୍ରୀ ମୋଦୀ କହିଛନ୍ତି ଯେ ଏହା ଭାରତ ଏବଂ ଶ୍ରୀଲଙ୍କାର ଜନସାଧାରଣଙ୍କ ମଧ୍ୟରେ ଗଭୀର ବନ୍ଧୁତା ଏବଂ ଐତିହାସିକ ସମ୍ପର୍କର ପ୍ରତୀକ ।

ଏହି ସମ୍ମାନ ଗ୍ରହଣ ପରେ ମୋଦୀ ତାଙ୍କ ଏକ୍ସରେ ଏକ ପୋଷ୍ଟରେ ସେ ଲେଖିଛନ୍ତି ଯେ, ରାଷ୍ଟ୍ରପତି ଦିଶାନାୟକଙ୍କ ଦ୍ୱାରା ଶ୍ରୀଲଙ୍କା ମିତ୍ର ବିଭୂଷଣ ସମ୍ମାନରେ ସମ୍ମାନିତ ହେବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହି ସମ୍ମାନ କେବଳ ମୋର ନୁହେଁ - ଏହା ଭାରତର ୧୪୦ କୋଟି ଲୋକଙ୍କ ପ୍ରତି ସମ୍ମାନ । ଏହା ଭାରତ ଓ ଶ୍ରୀଲଙ୍କାର ଜନସାଧାରଣଙ୍କ ମଧ୍ୟରେ ଗଭୀର ବନ୍ଧୁତା ଏବଂ ଐତିହାସିକ ସମ୍ପର୍କର ପ୍ରତୀକ । ଏହି ସମ୍ମାନ ପାଇଁ ମୁଁ ଶ୍ରୀଲଙ୍କାର ରାଷ୍ଟ୍ରପତି, ସରକାର ଏବଂ ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି ।

## ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର, ୫।୪:** ଆସନ୍ତା ସୋମବାର ଅପ୍ରେଲ ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି ସୋମବାର ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ।ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିମିଳିପାଳରେ ବାଘ ଗଣନା ଆରମ୍ଭ

**ବାରିପଦା,୫।୪ :** ସର୍ବଭାରତୀୟ ସ୍ତରରେ ବାଘ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶିମିଳିପାଳରେ ମଧ୍ୟ ଏହା ଶନିବାର ଠାରୁ ଆରମ୍ଭ ହୋଇଛି। ବନବିଭାଗ ପକ୍ଷରୁ ଏଥିପାଇଁ ୮ଟି ଦଳରେ ୮୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଜଙ୍ଗଲରେ ବାଘର ପାଦଚିହ୍ନ,ଆମ୍ପୁଡ଼ା ଚିହ୍ନ ଓ ମଳମୂତ୍ରର ନମୁନାରୁ ବାଘ ଗଣତି କରିବେ ।ଏଥିସହ ଶିମିଳିପାଳରେ ଲାଗିଥିବା ୩୦୦ରୁ ଅଧିକ ଟ୍ରାପ୍ କ୍ୟାମେରା ଓ ଏଆଇ କ୍ୟାମେରାର ମଧ୍ୟ ଏଥିରେ ଉପଯୋଗହେବ।

## ୮୬ ନକ୍ସଲଙ୍କ ଆତ୍ମସମର୍ପଣ



**ଜଗଦଲପୁର, ୫।୪:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଛତିଶଗଡ଼ର ବସ୍ତର ଡିଭିଜନର ନକ୍ସଲ ପ୍ରଭାବିତ ଅଂଚଳ ଦାନ୍ତେୱାଡାରେ ପହଂଚିଛନ୍ତି। ସେ ଆଜି ବସ୍ତର ପଣ୍ଡୁମ ମହୋତ୍ସବ ୨୦୨୫ ରେ ଅଂଶଗ୍ରହଣ କରିଥିଲେ । ସେହି ସମୟ ମଧ୍ୟରେ, ପଡ଼ୋଶୀ ରାଜ୍ୟ ତେଲେଙ୍ଗାନାର କୋଟାଗୁଡେମରେ ଛତିଶଗଡ଼ର ୮୬ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ। କୋଥାଗୁଡେମ୍ ଜିଲ୍ଲା ମଲ୍ଟି ଜୋନ୍ ଆଇଜି ଚନ୍ଦ୍ରଶେଖର ରେଡ୍ଡୀ ଏହି ସୂଚନା ଦେଇଛନ୍ତି।

ଭଦ୍ରଦ୍ରୀ କୋଥାଗୁଡେମ୍ ଜିଲ୍ଲା ମଲ୍ଟି ଜୋନ୍ ଓଏ ଆଇଜି ଚନ୍ଦ୍ରଶେଖର ରେଡ୍ଡୀ ଆଜି କୋଥାଗୁଡେମର ହେମଚନ୍ଦ୍ରପୁରମ୍ ପୋଲିସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ କହିଛନ୍ତି ଯେ ଛତିଶଗଡର ୮୬ ନକ୍ସଲମାନେ ଭଦ୍ରାଧ୍ରୀ କୋଥାଗୁଡେମ୍ ଜିଲ୍ଲା ଏବଂ ମୁଲୁଗୁ ଜିଲ୍ଲା ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ୬୬ ପୁରୁଷ ଏବଂ ୨୦ ମହିଳା ନକ୍ସଲ ଅଛନ୍ତି।

# ଗଡ଼ିଲା ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ

**ଭୁବନେଶ୍ୱର, ୫।୪:** ପବିତ୍ର ଅଶୋକାଷ୍ଟମୀ। ଏହି ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗଡ଼ିଛି । ଅଣଲେଉଟା ରଥରେ ବାହାରିଛନ୍ତି ମହାପ୍ରଭୁ ଶ୍ରୀଲିଙ୍ଗରାଜ।

**ନିର୍ଦ୍ଧାରିତ ସମୟରୁ ୨ ଘଣ୍ଟା ବିଳମ୍ବରେ ଗଡ଼ିଲା ରଥ**

**ବଢ଼େଇ ବାଙ୍କ ଛକରେ ଅଟକିଛି ଆଜି ସକାଳୁ ପୁଣି ଟଣା ହେବ**

ସେଇଥିପାଇଁ ଚଳଚଞ୍ଚଳ ହୋଇପଡ଼ିଥିଲା ଏକାମ୍ରକ୍ଷେତ୍ର। ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ସମ୍ପନ୍ନ ପରେ ରଥଟଣା ଆରମ୍ଭ ହୋଇଥିଲା ।



ରୁକୁଣା ରଥରେ ବିଜେ କରି ମାଉସୀମା' ଘରକୁ ଯାଉଛନ୍ତି ଶ୍ରୀଲିଙ୍ଗରାଜ। ସେଠାରେ ୪ ଦିନ ରହିବା ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ୨ ଘଣ୍ଟା ବିଳମ୍ବରେ ଟଣାଯାଇଥିଲା ଏବଂ ବଢ଼େଇବାଙ୍କ ଛକରେ ଅଟକି ଥିଲା।

ସୂର୍ଯ୍ୟାସ୍ତ ହେବାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ବଢ଼େଇବାଙ୍କ ଛକରେ ଅଟକିଛି। ସୂର୍ଯ୍ୟାସ୍ତ ହୋଇଯିବାରୁ ରଥଟଣା ହୋଇନାହିଁ। ରବିବାର ସକାଳେ ନୀତିକାନ୍ତି ପରେ ପୁଣି ରୁକୁଣା ରଥ ଟଣାଯିବ ବୋଲି ସୂଚନା ଦିଆଯାଇଛି।

ଆଜି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା ଆରମ୍ଭ ହୋଇଯାଇଛି। ନିର୍ଦ୍ଧାରିତ ସମୟର ଦୁଇଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା ରଥଟଣା। ପୂର୍ବରୁ ଅପରାହ୍ଣ ସାଢେ ୩ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତିନିର୍ଘଣ୍ଟ କରାଯାଇଥିଲା। କିନ୍ତୁ ଆଜି ପ୍ରାୟ ସାଢେ ୫ଟା ୫.୨୫ ବେଳେ ରଥଟଣା ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଏବଂ ହରହର ମହାଦେବ ଧ୍ୱନୀ ସମେତ ଘଣ୍ଟଘଣ୍ଟା ବାଦ୍ୟରେ ସୃଷ୍ଟି ହୋଇଥିଲା ଅଧ୍ୟାତ୍ମିକ ପରିବେଶ। ଶ୍ରଦ୍ଧାଳୁମାନେ ଆନନ୍ଦ ଉଲ୍ଲାସର ସହିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍ଗ ରୁକୁଣା ରଥ ଟାଣିଥିଲେ। ରୁକୁଣା ରଥ ଟାଣି ଭାବବିହ୍ୱଳ ହୋଇଥିଲେ ଭକ୍ତ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ମା' ମୃତ, ଝିଅ ଆହତ

**ଧର୍ମଶାଳା, ୫।୪:** ଚୋରି ପାଇଁ ବୃଦ୍ଧାଙ୍କୁ ହତ୍ୟା ଏଭଳି ଅଭାବନିୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିପଡିଆ ପଂଚାୟତ ତିଗିରିଆ ଗ୍ରାମରେ । ତିଗିରିଆ ଗ୍ରାମରେ ଚୋରି କରିବା ପାଇଁ ଘରେ ପଶିଥିଲେ ଦୁର୍ବୃତ। ଦୃର୍ବୃତଙ୍କ ଆକ୍ରମଣରେ ମା ଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ଦୃର୍ବୃତଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ମୃତ ମହିଳା ହେଲେ କୌଶଲ୍ୟା ପତି। ସୂଚନା ଅନୁଯାୟୀ, ତିଗିରିଆ ଗ୍ରାମର କୌଶଲ୍ୟା ପତି ଓ ତାଙ୍କ ଝିଅ ଘରେ ଥିବା ସମୟରେ ଗତକାଲି ରାତି ପ୍ରାୟ ୨ଟାରେ ଦୁଇ ଜଣ ଦୁର୍ବୃତ ଲୁଟ୍ କରିବା ଉଦ୍ଦେଶ୍ୟରେ ଘରେ ପଶିଥିଲେ। ଉଭୟ ମା ଝିଅ ଦୁର୍ବୃତଙ୍କୁ ଦେଖିଦେବା ସମୟରେ ଦୁର୍ବୃତ ମାନେ ମା ଝିଅଙ୍କୁ ଆକ୍ରମଣ କରିଥିଲେ।

## ସସ୍ମିତଙ୍କୁ ନେଇ ଦେବାଶିଷଙ୍କ ବିସ୍ଫୋରକ ବୟାନ

# ନିଷ୍ପତ୍ତି ବଦଳାଇବା ପଛରେ ନବୀନଙ୍କ ମୁଖ୍ୟ ପରାମର୍ଶଦାତା



**ଭୁବନେଶ୍ୱର, ୫।୪:** ୱାକଫ୍ ସଂଶୋଧନ ବିଲ୍ ସମର୍ଥନ ପ୍ରସଙ୍ଗରେ ଜଣଙ୍କ ପରେ ଜଣେ ବିଜେଡି ନେତା ବିସ୍ଫୋରକ ବୟାନ ଦେବାରେ ଲାଗିଛନ୍ତି । ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ ଏନେଇ ମୁହଁ ଖୋଲିଛନ୍ତି । ସେ କହିଛନ୍ତି, ମୁଁ ବୁଝିପାରିଲିନି ସଂସଦରେ କଣ ହେଲା । ସେଥିପାଇଁ ମୁଁ ଭୋଟ ଦେଲିନି । ବିଲ୍‌କୁ ବିରୋଧ ପାଇଁ ନବୀନ କହିଥିଲେ ।ଶଙ୍ଖ ଭବନରେ ଏନେଇ ଆଲୋଚନା ବି ହୋଇଥିଲା । ମୁନ୍ନା ଖାନ୍‌ଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା । ହଠାତ କିଏ ନିଷ୍ପତ୍ତି ବଦଳାଇଲା ଜାଣିନି ।

ସଂଧ୍ୟା ସାଢ଼େ ୬ଟାରେ ସସ୍ମିତଙ୍କ ଏକ୍ସ ପୋଷ୍ଟରୁ ଜାଣିଲି ।ଦଳର ହ୍ୱିପ୍ ନାହିଁ ବୋଲି ଏକ୍ସରୁ ଜାଣିଲି ।ମୁଁ କାହା ସହ କଥା ହୋଇପାରିନି । ସବୁ ନେତା ମତେ ଫୋନ୍ କରିଛନ୍ତି ।କିନ୍ତୁ ମୁଁ କାହା ସହ କଥା ହୋଇନି ।ସଂସଦ ଭବନରେ ଫୋନ୍‌ରେ କଥା ହୋଇପାରେନା ଏବଂ ଏନେଇ କିଏ ପରାମର୍ଶ ଦେଲା କହିପାରିବିନି । ନବୀନଙ୍କ ଉପରେ ପରାମର୍ଶଦାତା ଥିଲେ ଜାଣିନି । ମୁଖ୍ୟ ପରାମର୍ଶଦାତାଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ ହୋଇଛି ।ତେବେ କିଏ ସେ ମୁଖ୍ୟ ପରାମର୍ଶଦାତା, ନାଁ କହିଲେନି ଦେବାଶିଷ । ଉତ୍ତର ନବୀନ ପଟ୍ଟନାୟକ ହିଁ ରଖିବେ ବୋଲି ସେ କହିଛନ୍ତି ।

ସେପଟେ ବିଜୁ ଜନତା ଦଳ ଭିତରେ ଦ୍ୱନ୍ଦ୍ୱ ହିଁ ଦ୍ୱନ୍ଦ୍ୱ ।ସୋସିଆଲ୍ ମିଡିଆ ଏକ୍ସରେ ସସ୍ମିତ ପାତ୍ରଙ୍କ ଦଳ ବିରୋଧୀ ଆଭିମୁଖ୍ୟ ନେଇ ବିଜେଡିରେ ଆରମ୍ଭ ହୋଇଯାଇଛି ବିବାଦ । ପ୍ରଫୁଲ୍ଲଙ୍କ ପରେ ଦଳର ସୁପ୍ରିମୋଙ୍କୁ ଚିଠି ଲେଖିଲେ ପ୍ରତାପ ଜେନା ।ସେ କହିଛନ୍ତି, ସସ୍ମିତଙ୍କ ଏକ୍ସ ପୋଷ୍ଟ ଦଳର ଆଭିମୁଖ୍ୟ ବିରୋଧୀ । ଷଡଯନ୍ତ୍ର ପଛରେ କିଏ, ଅନୁଧ୍ୟାନ କରିବାର ଆବଶ୍ୟକ ରହିଛି ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା ମଧ୍ୟ କହିଛନ୍ତି, କାଲି ଘଟଣା ବିଜେଡି ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି ।ନିଜେ ସସ୍ମିତ ପାତ୍ର କହିଥିଲେ ଆମେ ୱାକଫ୍ ବିଲକୁ ବିରୋଧ କରିବୁ । କିନ୍ତୁ ୪୮ ଘଣ୍ଟା ନ ପୂରୁଣୁ ବିବେକ ଆଧାର କେମିତି ହୋଇଗଲା ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କନ୍ଧମାଳ, ୫।୪:** ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ପୀଡିତା ଓ ସାକ୍ଷୀଙ୍କ ବୟାନ ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ ନିରାକାର ମୁଖୀକୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୬୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ତାକୁ ଆଉ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି । ପୀଡିତାଙ୍କୁ କ୍ଷତି ପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଆଇନ ସେବା ପ୍ରାଧୀକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଗତ ୨୦୨୨ ମସିହା ଜୁନ୍ ୧୯ ତାରିଖ ଦିନ ପୀଡିତାଙ୍କ ପରିବାର ପକ୍ଷରୁ ଗୋଛାପଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା ।

# ଦୁର୍ଘଟଣାରେ ଦମ୍ପତି ମୃତ ବର୍ତ୍ତିଗଲା ଶିଶୁ

**ଯାଜପୁର, ୫।୪:** ପାଣିକୋଇଲି ଥାନା ପୁରୁଣା ଟୋଲଗେଟ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଘଟଣା ସ୍ଥଳରେ କୁନିପୁଅ ଆଖି ସାମ୍ନାରେ ଚାଲିଗଲ ବାପା ଓ ମାଙ୍କର ଜୀବନ।

ସୂଚନା ଅନୁଯାୟୀ ଗୋଟିଏ ପରିବାରର ବାପା ମା ଓ ତାଙ୍କର ୪ ବର୍ଷର ଶିଶୁପୁତ୍ର ଏକ ବାଇକ ଯୋଗେ କୁଆଖିଆ ଆଡୁ ପାଣିକୋଇଲି ଅଭିମୁଖେ ଯାଉଥିବାବେଳେ ହଠାତ ପୁରୁଣା ଟୋଲଗେଟ ନିକଟରେ ବାଇକକୁ ଏକ ଅଜଣା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ମାଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ପୁଲିସ ସହାୟତାରେ ଗୁରୁତର ବାପାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମୃତ ବୋଲି ଘୋଷଣା କରିଛନ୍ତି ଡାକ୍ତର।

ଅଳ୍ପକେ ବର୍ତ୍ତିଯାଇଥିବା ୪ ବର୍ଷର ଶିଶୁପୁତ୍ରକୁ ପାଣିକୋଇଲି ପୁଲିସ ହେପାଜତକୁ ନେଇ ଥାନାରେ ରଖିଛି। ଏଯାଏ ପରିଚୟ ଅସ୍ପଷ୍ଟ ରହିଛି। ପାଣିକୋଇଲି ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ଆଜି ରାଜ୍ୟ ବିଜେପି ପାଳିବ ୪୬ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ୫।୪:** ଏପ୍ରିଲ ୬ ତାରିଖ (ରବିବାର) ରାଜ୍ୟ ବିଜେପି ପାଳନ କରିବା ୪୬ ତମ ପ୍ରତିଷ୍ଠା ଦିବସ। ଦୁଇ ଦିନ ଧରି ପ୍ରତିଷ୍ଠା ଦିବସ ପାଳନ କରିବ ରାଜ୍ୟ ବିଜେପି। ଶ୍ରୀରାମ ନବମୀରୁ ଏଥର ଦୁଇ ଦିନ ପ୍ରତିଷ୍ଠା ଦିବସ ପାଳନ କରିବ ବୋଲି ସୂଚନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି, ବୁଥ ସ୍ତରରୁ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ। ପ୍ରତି କାର୍ଯ୍ୟକର୍ତ୍ତା ନିଜ ନିଜ ଘରେ ଦଳୀୟ ପତକା ଉଡାଇବେ। ବୁଥ ସ୍ତରରେ ୨ ଶହ ପ୍ରାଥମିକ ସଦସ୍ୟଙ୍କୁ ନେଇ ଟିଫିନ ବୈଠକ ହେବ। ସଦସ୍ୟ ମାନେ ନିଜ ଘରୁ ବ୍ୟଞ୍ଜନ ପ୍ରସ୍ତୁତ କରି ଆଣି ବୈଠକରେ ଏକାଠି ବସି ଖାଇବେ। ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ, ଏଥିରେ ବରିଷ୍ଠ ନେତା ମାନେ ଯୋଗଦେବେ। ଯେଉଁ ମାନେ ୬ ତାରିଖରେ ପ୍ରତିଷ୍ଠା ଦିବସ ପାଳନ କରି ନପାରିବେ, ସେମାନେ ୭ ତାରିଖରେ ପାଳନ କରିବେ। ସେହିପରି ଶ୍ରୀରାମ ନବମୀ ଠାରୁ ଆମ୍ବେଦକର ଜୟନ୍ତୀ ଯାଏଁ ଜନ ସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଯେଉଁଥିରେ କାର୍ଯ୍ୟକର୍ତ୍ତା ମାନେ ଘରକୁ ଘର ଯାଇ ଜନସଂପର୍କ ସ୍ଥାପନ କରିବେ।

| | |
|---|---|
| ସେନ୍‌ସେକ୍ସ | ୭୫,୩୬୪ |
| ନିଫ୍ଟି | ୨୨,୯୦୪ |
| ସୁନା/୧୦ଗ୍ରା | ୯୨,୯୯୫ |
| ରୂପା/କିଗ୍ରା | ୧,୦୧,୦୦୦ |
| ଡଲାର | ୮୫.୫୩ |

## ପାଣିପାଗ

**ସର୍ବାଧିକ**
ଭୁବନେଶ୍ୱର: ୩୯.୭°
କଟକ: ୩୮.୩°

**ସର୍ବନିମ୍ନ**
ଭୁବନେଶ୍ୱର: ୨୫.୨°
କଟକ: ୨୫.୦°

## ହାଲ୍‌ଚାଲ୍




ଏଗାର ତାରିଖରୁ ଆୟୁଷ୍ମାନ ଭାରତ ଆରମ୍ଭ ହୋଇବ ପରିବାରର ପ୍ରତି ସଦସ୍ୟଙ୍କୁ ଏହି କାର୍ଡ ମିଳିବ ଅଣତିରିଶ ହଜାର ହସ୍ପିଟାଲରେ ଲୋକଙ୍କୁ ସୁବିଧା ମିଳିବ ।

# ଓଡ଼ିଶାର ୨୬ ସଡ଼କ ଓ ୨ ସେତୁ ପ୍ରକଳ୍ପକୁ ମଞ୍ଜୁରି

**ନୂଆଦିଲ୍ଲୀ/ଭୁବନେଶ୍ୱର, ୫।୪:** ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ ଜନମନ) ଅଧୀନରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓଡ଼ିଶାର ୨୬ଟି ସଡ଼କ ଏବଂ ଦୁଇଟି ସେତୁ ପ୍ରକଳ୍ପକୁ ମଞ୍ଜୁର କରିଛି। ଏହି ଯୋଜନାରେ ରାଜ୍ୟରେ ୬୩.୨୭୧ କିଲୋମିଟର ରାସ୍ତା ନିର୍ମାଣ କରାଯିବ । ମନ୍ତ୍ରଣାଳୟ ଏଥିପାଇଁ ଓଡ଼ିଶାକୁ ୬୯ କୋଟି ୬୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବ । ବର୍ତ୍ତମାନ ସୁଦ୍ଧା ପିଏମ୍ ଜନମନ ଯୋଜନାରେ ଓଡ଼ିଶା ପାଇଁ ୨୧୧.୧୪ କିଲୋମିଟର ଲମ୍ବ ୬୬ଟି ସଡ଼କ ପ୍ରକଳ୍ପ ଏବଂ ୪ଟି ସେତୁ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି ।ଏ ବାବଦରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ୨୧୯ କୋଟି ୪୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି ।

**ପିଏମ୍ ଜନମନ ଯୋଜନା**

**୬୯ କୋଟି ୬୫ ଲକ୍ଷ ଟଙ୍କା ମଞ୍ଜୁର**

ସୂଚନାଯୋଗ୍ୟ ପିଏମ୍ ଜନ ମନ ଯୋଜନାରେ, ଅତି ପଛୁଆ ଜନଜାତି ଗୋଷ୍ଠୀ (ପିଭିଟିଜି) ବସତିକୁ ସବୁଦିନିଆ ସଡ଼କ ଯୋଗାଯୋଗ ପ୍ରଦାନ କରାଯାଉଛି । ଏହାଦ୍ୱାରା



ପିଭିଟିଜି ସମ୍ପ୍ରଦାୟ ବହୁଳ କ୍ଷେତ୍ରରେ ସାମାଜିକ ଓ ଆର୍ଥିକ ଉନ୍ନତି ହୋଇପାରିବ। ଗ୍ରାମାଂଚଳରେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହେବ, ଉପାନ୍ତ ଗାଁ ଓ ସହରୀ କେନ୍ଦ୍ର ମଧ୍ୟରେ ବ୍ୟବଧାନ ଦୂର ହେବ। ସ୍ଥାନୀୟ ଅଂଚଳର ବିକାଶ ସହ ବାଣିଜ୍ୟ କାରବାର, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ବଜାର ଭଳି ସୁବିଧାସୁଯୋଗ ପହଂଚି ପାରିବ।

ଏହାଦ୍ୱାରା ରୋଜଗାର ସୃଷ୍ଟି ହେବା ସହିତ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ। ପିଏମ ଜନମନ ଯୋଜନାକୁ ବିକଶିତ ଭାରତ ଦୃଷ୍ଟିକୋଣ ନେଇ ପ୍ରସ୍ତୁତ କରାଯାଇଛି । ଏହା ଅଧୀନରେ ନିର୍ମାଣ କରାଯାଉଥିବା ପ୍ରକଳ୍ପଗୁଡ଼ିକର ପରିବର୍ତ୍ତନକାରୀ ପ୍ରଭାବ ଜନଜାତୀୟ ସମୁଦାୟର ବିକାଶ ଓ ସମୃଦ୍ଧିରେ ଯୋଗଦାନ କରିବା ସହିତ ସେମାନଙ୍କର ସମାବେଶୀ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ମଜଭୁତ ହେବ ।

## ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ

### ଫାର୍ମ ହାଉସ୍ ସହ ବିଭିନ୍ନ କ୍ରସରରେ ତଦନ୍ତ

**କେନ୍ଦୁଝର ୫।୪:** କନକ ବ୍ୟୁରୋ: କମ୍ପୁନି କେନ୍ଦୁଝରର ବିଜେଡି ନେତା ରାଜା ଚକ୍ରଙ୍କ ଅଡୁଆ ।ରାଜା ଚକ୍ରଙ୍କ ସମ୍ପୃକ୍ତି ଥିବା ବିଭିନ୍ନ ସଂସ୍ଥାରେ ଯାଞ୍ଚ କରିଛନ୍ତି କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ୨ ଜଣିଆ ଟିମ୍ । ଜଙ୍ଗଲ ଜମିରେ ରାଜାଙ୍କ ଫାର୍ମ ହାଉସ୍ ଥିବା ଅଭିଯୋଗର ଖୋଳତାଡ଼ କରିଛି ଇଓଡବ୍ଲୁ । ବନ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ସାଙ୍ଗରେ ନେଇ ତଦନ୍ତ କରାଯାଇଛି ।କେନ୍ଦୁଝର ଜିଲ୍ଲା ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ କୋଟି କୋଟି ଟଙ୍କା ହେରଫେର ମାମଲାରେ ଛନ୍ଦି ହୋଇଥିବା ସୌମ୍ୟ ଶଙ୍କର ଚକ୍ର ଓରଫ୍ ରାଜା ଚକ୍ରଙ୍କର ଅଡୁଆ ବଢ଼ି ବଢ଼ି ଚାଲିଛି ।ତାଙ୍କର ଗୋପାଳପୁର ଠାରେ ଥିବା ଫାର୍ମ ହାଉସ୍, ବିଭିନ୍ନ ସ୍ଥାନରେ ଥିବା କ୍ରସର୍ ଏବଂ ଅନ୍ୟ ସଂସ୍ଥାରେ ଆଜି କ୍ରାଇମବ୍ରାଞ୍ଚର ଜଣେ ଅଫିସରଙ୍କ ନେତୃତ୍ୱରେ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛନ୍ତି । ସେପଟେ ରାଜା ଚକ୍ରଙ୍କ ଜାମିନ୍ ଆବେଦନ ଖାରଜ ହୋଇଛି । କୋଟି କୋଟି ଟଙ୍କା ହେରଫେର ମାମଲା ଥିବାରୁ ଜାମିନ୍ ଖାରଜ କରିଛନ୍ତି ବାଲେଶ୍ୱର ଓପିଆଇଡି କୋର୍ଟ ।

ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ଦିନ ଶୁକ୍ରବାର ରାତିରୁ ରାଜା ଚକ୍ରଙ୍କ ବିଭିନ୍ନ ସଂସ୍ଥା ଉପରେ କଡା ଯାଞ୍ଚ ଆରମ୍ଭ କରିଛି ଇଓଡବ୍ଲ୍ୟୁ ଟିମ୍ । କେନ୍ଦୁଝର ଜିଲ୍ଲା ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏଣ୍ଡ ଟ୍ରାନ୍ସପୋର୍ଟିଂ କୋଅପରେଟିଭ ସୋସାଇଟିରେ କୋଟି କୋଟି ଟଙ୍କା ଘୋଟାଲା ମାମଲାରେ ଛନ୍ଦି ହୋଇ ପଡିଥିବା ରୋଜା ଚକ୍ରଙ୍କର ଏବେ ଅଡୁଆ ବଢିବାରେ ଲାଗିଛି ।

# ମାତୃଭାଷା

କଟକ, ରବିବାର, ଅପ୍ରେଲ-୬, ୨୦୨୫ ପୃଷ୍ଠା: ୨


## ଗୋଟିଏ ପରେ ଗୋଟିଏ ନିର୍ବାଚନ ପ୍ରତିଶ୍ରୁତି ପୂରଣରେ ଲାଗିପଡିଛି ବିଜେପି

ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁଛି ଭାରତୀୟ ଜନତା ପାର୍ଟି । କୋର୍ ଏଜେଣ୍ଡାରେ କାର୍ଯ୍ୟ କରୁଛି ଦଳ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଂଶୋଧନ ହେଉଛି ସମ୍ବିଧାନ । ରାମମନ୍ଦିର, ଧାରା-୩୭୦, ତିନି ତଲାକ୍, ନାଗରିକତା ସଂଶୋଧନ ଆଇନ, ସାମାନ ନାଗିରକ ସଂହିତା, ପରେ ୱାକଫ୍ ବିଲ୍ ଭଳି ବଡ଼ ଲକ୍ଷ୍ୟ ହାସଲ ।

ମୋଦିଙ୍କ ଏହି ପଦକ୍ଷେପ ମୂଳ ବିଜେପି ସମର୍ଥକଙ୍କୁ ସନ୍ତୁଷ୍ଟ କରିବା । ଦେଶର ରାଜନୀତିକୁ ଏକ ନୂଆ ଦର୍ଶନ ଆଡ଼କୁ ନେଇଯାଇଛି । ସମ୍ବିଧାନ ସଂଶୋଧନ କରିବାରେ ବିଜେପିର ଲକ୍ଷ୍ୟ ହାସଲ ହୋଇଛି କିମ୍ବା ସେହି ଦିଗରେ ବଡ଼ ପଦକ୍ଷେପ ଉଠାଇଛି । ଏବେ ମୁଖ୍ୟ ପ୍ରସଙ୍ଗ ସବୁ ଶେଷ ହେଉଥିବାବେଳେ ସରକାରଙ୍କ ଆଗାମୀ ଏଜେଣ୍ଡା କ'ଣ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର ଗତ ଦୁଇଟି କାର୍ଯ୍ୟକାଳ ଓ ତୃତୀୟ ପାଳିର ପ୍ରଥମ ୧୦ ମାସରେ ବହୁ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ଉଠାଇଛି । ପ୍ରଥମେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଠାଇବା ପରେ ରାମମନ୍ଦିର ନିର୍ମାଣ, ତିନି ତଲାକ୍ ହଟିବା, ସିଏଏ, ୟୁସିସି ପରେ ୱାକଫ୍ ବିଲ୍ ସଂଶୋଧନ ଆଦି ଦେଶର ସାଂସ୍କୃତିକ ଏକତା ଓ ଜାତୀୟତା ଚିନ୍ତା ଧାରାକୁ ପରିପ୍ରକାଶ କରୁଛି । ତେବେ ଭାରତୀୟ ଜନତା ପାର୍ଟିର ମୁଖ୍ୟ ଏଜେଣ୍ଡା ଶେଷ ହୋଇଥିବା ବେଳେ ଏବେ ମଥୁରା-କାଶୀ ବିବାଦ, ଜନସଂଖ୍ୟା ନିୟନ୍ତ୍ରଣ, ଜନସଂଖ୍ୟା ରେଜିଷ୍ଟର ବା ଏନଆରସି ଭଳି ମୁଦ୍ଦା ଉପରେ କାର୍ଯ୍ୟ କରିବ ବୋଲି କୁହାଯାଉଛି । ବିଜେପିର ପରିଭାଷାରେ ଭାରତର ସାଂସ୍କୃତିକ ଏକତା ରହିଛି । ଯେଉଁଠି ସମାନ ଆଇନ ଓ ସମାନ ପରିଚୟ ବରାବର ହେବା ଦରକାର ।

ରାମମନ୍ଦିର: ଅଯୋଧରେ ରାମ ମନ୍ଦିର ନିର୍ମାଣ ମିଶନ ପୂର୍ଣ୍ଣ କରି ବିଜେପି ହିନ୍ଦୁ ଗୌରବ ଓ ସାଂସ୍କୃତିକ ପୁନର୍ଜାଗରଣର ପକ୍ଷକୁ ସ୍ଥାପିତ କରିଛି । ଏହା ଏଭଳି ଏକ ମୁଦ୍ଦା ଯାହା ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ସାଂପ୍ରଦାୟିକ ଉତ୍ତେଜନାକୁ ବାଦ୍ ଦେଇ ସଫଳ ହୋଇଛି ।

ଅନୁଚ୍ଛେଦ ୩୭୦: ଜମ୍ମୁ-କାଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବା, କାଶ୍ମୀରକୁ ଭାରତ ସହିତ ପୂର୍ଣ୍ଣ ଏକକୀକରଣର ପ୍ରତୀକ ଥିଲା । ଯାହା ବିଜେପିର 'ଏକ ରାଷ୍ଟ୍ର, ଏକ ସମ୍ବିଧାନ' ବିଚାରକୁ ମଜବୁତ କରୁଛି । ୨୦୧୯ ମସିହା ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦କୁ ଜମ୍ମୁ-କାଶ୍ମୀରରୁ ହଟାଇ ଦିଆଯାଇଛି । ଏହି ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଯଥା ଜମ୍ମୁ-କାଶ୍ମୀର ଓ ଲଦାଖ ଗଠିତ ହୋଇଛି ।

ତିନି ତଲାକ ଓ ୱାକଫ୍ ଦେଶରେ ରହୁଥିବା ମୁସଲିମ୍ ମାଆ-ଉଉଣୀ ନ୍ୟାୟ ଦେବା ଏବଂ ଧର୍ମ ନିରପେକ୍ଷତାକୁ ଏକ ନୂଆ ପରିସୀମା ଭିତରକୁ ନେବାକୁ ଇସାରା ଦେଉଛି । ଯେଉଁଠି ଜାତୀୟ ଆଇନ ସଂସ୍ଥାଗତ ଆଇନ ଠାରୁ ଅଧିକ ପ୍ରଭାବୀ ହୋଇଛି । ବିଜେପି ସରକାର ତିନି ତଲାକ ଓ ୱାକଫ୍ ଆଇନ ସଂଶୋଧନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୁସଲିମ୍ ସମାଜ ସହିତ ମହିଳା ଓ ଗରିବଙ୍କୁ ଅଧିକାର ଦେବ ।

ସିଏଏ: ନାଗରିକତା ସଂଶୋଧନ ଆଇନ ଜରିଆରେ ଭାରତୀୟ ଜନତା ପାର୍ଟି ପଡୋଶୀ ଦେଶରୁ ପ୍ରତାଡିତ ହୋଇଥିବା ଅଣ ମୁସଲିମ୍ ସଂଖ୍ୟା ଲଘୁଙ୍କୁ ସହଯୋଗ କରି ଏବଂ ସେମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରିବ ।

ଦେଶର ବଡ଼ ମୁଦ୍ଦା ଶେଷ ହୋଇଥିବା ବେଳେ ଏବେ ମଥୁରା-କାଶୀ ବିବାଦ ଉପରେ କାର୍ଯ୍ୟ କରିବାକୁ ଆଗଭର ହେବ ଭାରତୀୟ ଜନତା ପାର୍ଟି । ହେଲେ ଦଳ ଏହାକୁ ଅଦାଲତ ଜରିଆରେ ସମାଧାନ କରିବାକୁ ଚାହୁଁଛି । ବାରଣାସୀ ଏବଂ ମଥୁରାରେ ଥିବା ମନ୍ଦିରକୁ ପୁନଃ ପ୍ରାପ୍ତ କରିବା ବିଜେପିର ଏଜେଣ୍ଡାରେ ଅଛି କି ନାହିଁ ଏନେଇ ପ୍ରଶ୍ନ କରିବାରୁ ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା ୨୦୨୨ରେ କହିଥିଲେ, ବିବାଦୀୟ ଧାର୍ମିକସ୍ଥଳ ଗୁଡ଼ିକର ନିଷ୍ପତ୍ତି ନ୍ୟାୟଳୟ ଓ ସମ୍ବିଧାନ ଦ୍ୱାରା ସମାଧାନ କରାଯିବ ବୋଲି କହିଥିଲେ ।

ନ୍ୟାଶନାଲ ରେଜିଷ୍ଟାର ଅଫ୍ ସିଟିଜେନ୍ସ ଭାରତରେ ଏକ ସରକାରୀ ରେଜିଷ୍ଟାର ଅଟେ. ଯେଉଁଥିରେ ଦେଶରେ ବୈଧ ନାଗରିକଙ୍କୁ ନାଁ ଓ ପରିଚୟ ରେକର୍ଡ ହୋଇ ରହିଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶରୁ ବାହାର କରିବା । ଦେଶରେ ଆସାମ ଏକମାତ୍ର ରାଜ୍ୟ, ଯିଏ ଏନଆରସିକୁ ଅପଡେଟ୍ କରିଛି । ଏହି ପ୍ରକ୍ରିୟା ୨୦୧୩ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଆରମ୍ଭ ହୋଇଥିଲା ଏବଂ ୨୦୧୯ ଅଗଷ୍ଟ ୩୧ ତାରିଖରେ ଅନ୍ତିମ ଏନଆରସି ସୂଚୀ ପ୍ରକାଶିତ ହୋଇଥିଲା ।

## ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ରାମ ଚରିତ ମାନସ

*ଡକ୍ଟର ସୁରେଶ କୁମାର ନାୟକ*

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।




ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି। ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ। ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ। ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ। ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ। ମାନବ ଜାତିର ସର୍ବୋତ୍କୃଷ୍ଟ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ। ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଦୈନନ୍ଦିନ ଜୀବନରେ ସେ ସଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି। ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ।

ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ ସେହିପରି ଅସତ୍ୟ ଓ ଅସମ୍ଭବ। ରାମକଥାର ଅମୃତ ଅଯୋଧା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ ବିଶ୍ୱମାନସ ସରୋବରରୁ ଜାତ। ରାମଝରର କରୁଣାରସ, ଲକ୍ଷ୍ମଣଝରେ ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଅବିସ୍ମରଣୀୟ ରାମ ନବମୀ ଆମ ସମସ୍ତଙ୍କ ଅନ୍ତର୍ନିହିତ ଆଧାତ୍ମିକ ସେବାକୁ ସମାଜଭିମୁଖୀ କରିବା ପାଇଁ ପଥ ଦେଖାଉ ଏହା ହିଁ କାମନା।

*ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# କଳା ଅବତାର, ଅଂଶାବତାର ଓ ରାମାବତାର

**ଅଲେଖ ଚନ୍ଦ୍ର ସାମଲ**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ ବ୍ୟବହାର ହୋଇଛି। ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।



ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

*ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩*

# ରାମ ନାମ ହିଁ ମୋର ବଳ: ଗାନ୍ଧିଜୀ

**ଡଃ.ଅରୁନ୍ଧତୀ ଦେବୀ**

ଗାନ୍ଧିଜୀ ଥିଲେ ପରମ ଭାଗବତ। ଚୈତନ୍ୟ ପ୍ରାପ୍ତି ହେବା ପରଠାରୁ ଜୀବନରେ ସେ କେବେ ଭଗବାନଙ୍କୁ ବି ସ୍ମରଣ ହେବାକୁ ଦେଇନାହାନ୍ତି। ଅନ୍ଧାର ରାତିରେ, ପାଣି ଭିତରେ, ଯାତ୍ରା ସମୟରେ, ଅତ୍ୟନ୍ତ ବ୍ୟସ୍ତତା ଭିତରେ ବି ସେ ଭଗବାନଙ୍କୁ ଭୁଲି ନାହାନ୍ତି। ସେ ସର୍ବଦା ନିଜକୁ ନିମିତ୍ତ ମନେ କରୁଥିଲେ ଏବଂ କହୁଥିଲେ ଯେ ସେ ଯାହା କିଛି କରୁଛନ୍ତି, ସେ ସବୁ ପ୍ରଭୁ ରାମଙ୍କର କୃପା। ରାମ ଯାହା ଚାହୁଁଛନ୍ତି ତାଙ୍କ ଦ୍ୱାରା ତାହା କରାଇ ନେଉଛନ୍ତି। ତେଣୁ ତାଙ୍କ ନିଜର କର୍ତ୍ତୃତ୍ୱ କିଛି ନାହିଁ।

ନିଜର ବ୍ୟକ୍ତିଗତ ଅନୁଭବରୁ ଗାନ୍ଧିଜୀ ଲେଖିଛନ୍ତି ଯେ ବିଷୟ ବାସନା ଉପରେ ବିଜୟଲାଭ କରିବାର ସର୍ବୋତ୍ତମ ଧାରା ରାମନାମ ଛଡ଼ା ଅନ୍ୟ କିଛି ନାହିଁ। ମୁଁ ଯଦି ସଂସାରରେ ବ୍ୟଭିଚାରୀ ହେବାରୁ ରକ୍ଷା ପାଇଯାଇଛି ତାହେଲେ ଏହା କେବଳ ରାମନାମର ପ୍ରଭବା ଯୋଗୁ। ଯେବେ ଯେବେ ମୋ ଉପରକୁ କଠିନ ପରିସ୍ଥିତି ଆସିଛି, ମୁଁ ରାମ ନାମ ନେଇଛି ଏବଂ ଉପକୃତ ହୋଇଛି। ବିକାର ବିଚାରରୁ ରକ୍ଷା ପାଇବାର ଅମୋଘ ଅସ୍ତ୍ର ହେଉଛି ରାମ ନାମ। ଏ ପ୍ରସଙ୍ଗରେ ଜଣେ ସନ୍ଥଙ୍କର ମନ୍ତବ୍ୟ ହେଉଛି ବିଷୟଜ୍ୱାଳାରୁ ମୁକ୍ତିର ଅମୋଘ ମନ୍ତ୍ର ରାମ ନାମ। କିନ୍ତୁ ହୃଦୟର ଯୋଗ ଆବଶ୍ୟକ। ଅସହାୟ ବାଳକ ଯେପରି ମାଆଁକୁ ଡାକେ, ସେହିପରି ହୃଦୟ କନ୍ଦରରୁ ପ୍ରଭୁଙ୍କୁ ଡାକିବା ଉଚିତ। ଗାନ୍ଧିଜୀ କହନ୍ତି ରାମ ନାମର ପ୍ରତାପରେ ସମୁଦ୍ରରେ ପଥର ଭାସିଲା, ରାବଣର ବିଶାଳପୁରୀକୁ ବାନରସେନା ଧ୍ୱଂସ କରିଦେଲେ ପୁଣି ରାମ ନାମର ପ୍ରଭାବରେ ହନୁମାନ ବିରାଟ ପର୍ବତ ଉଠାଇ ଧରି ଆଣିଲେ ଏବଂ ଦୁଷ୍ଟ ରାବଣର ଦୁର୍ଗରେ ବର୍ଷାଧିକ କାଳ ରହି ମଧ ସୀତା ତାଙ୍କର ସତୀତ୍ୱ ରକ୍ଷା କରିପାରିଲେ। ଭରତ ଚଉଦବର୍ଷ କାଳ ପ୍ରାଣରକ୍ଷା କରି ରହିପାରିଲେ କାରଣ ତାଙ୍କର କଣ୍ଠରୁ ରାମନାମ ବ୍ୟତୀତ ଅନ୍ୟ କୌଣସି ଶବ୍ଦ ନିର୍ଗତ ହେଉନଥିଲା। ଏଣୁ କଳିଯୁଗର ଦୂଷଣକୁ ସଫା କରିବା ପାଇଁ ନିୟମିତ ରାମନାମ ଜପିବାକୁ ତୁଳସୀ ଦାସ ପରାମର୍ଶ ଦେଇଛନ୍ତି।

ଭଗବାନ ରାମଙ୍କ ଉପରେ ଗାନ୍ଧିଜୀଙ୍କର ନିଷ୍ଠ ତାଙ୍କର ଜୀବନରେ ନିରନ୍ତର ଭାବରେ ଦୃଢ଼ ହୋଇ ଚାଲିଲା। କ୍ରମେ ତାହା ବିକଶିତ ଏଫଂ ପ୍ରସାରିତ ହେଲା। ଏପରିକି ତାହା ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କଲା। ଏପରିକି ତାଙ୍କ ଭଳି ଜଣେ ବ୍ୟକ୍ତି ଶରୀରର ସମସ୍ତ ବ୍ୟାଧିର ଏକମାତ୍ର ଉପଚାର ରାମନାମ ବୋଲି ସ୍ୱୀକାର କଲେ ଏବଂ କହି ଚାଲିଲେ। ତାଙ୍କର ଜଣେ ଶିଷ୍ୟାଙ୍କ ନିକଟକୁ ସେ ଗୋଟିଏ ପତ୍ରରେ ଲେଖିଥିଲେ ଯେ ବ୍ୟାଧି ଅନେକ ପ୍ରକାର, ବୈଦ୍ୟ ଅନେକ, ଉପଚାର ମଧ ଅନେକ ଅଛି। କିନ୍ତୁ ଯଦି ବ୍ୟାଧିକୁ ଏକ ରୂପେ ଦେଖିବା ଏବଂ ତାକୁ ଦୂର କରୁଥିବା ବୈଦ୍ୟ ଜଣେ ହିଁ ରାମ ବୋଲି ମନେ କରିବା ତାହେଲେ ଆମେ ଅନେକ ଜଞ୍ଜାଳରୁ ମୁକ୍ତି ପାଇଯିବା। କିଛି ଦିନ ପରେ ପୁଣି ଲେଖିଥିଲେ ଆଶ୍ଚର୍ଯ୍ୟର କଥା ଯେ ବୈଦ୍ୟ ମରୁଛନ୍ତି, ଡାକ୍ତର ମରୁଛନ୍ତି, ତଥାପି ଆମେ ତାଙ୍କ ପଛରେ ଧାଉଁଛେ। କିନ୍ତୁ ଯେଉଁ ରାମ ମରନ୍ତି ନାହିଁ, ସର୍ବଦା ଜୀବିତ ଏବଂ ଅବ୍ୟର୍ଥ ବୈଦ୍ୟ ତାଙ୍କୁ ଭୁଲି ଯାଉଛୁ।



୧୯୪୬ ମସିହାରେ ସେ ଥରେ କହିଥିଲେ ଯେ କୌଣସି ରୋଗ ହେଉ, ହୃଦୟ ସହକାରେ ଜଣେ ଯଦି ରାମ ନାମ ନିଏ ତାର ରୋଗ ଅବଶ୍ୟ ଦୂର ହୋଇଯିବ। ହରିଜନ ସେବକ ତା ୩/୩୩୧୯୪୬। ଶାରୀରିକ ରୋଗକୁ ଦୂର କରିବାରେ ରାମ ନାମ ଅଳ୍ପ କିଛି ବିଶିଷ୍ଟ ଲୋକଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ। ଯିଏ ତାଙ୍କର ନାମ ନିଏ, ସେ ତାଙ୍କ ପାଇଁ ବିପୁଳ ଭଣ୍ଡାର ଜମା କରିଚାଲେ। ଏହା ଏଭଳି ଏକ ଭଣ୍ଡାର ଯାହା କେବେ ସରେ ନାହିଁ, ସେଥିରୁ ଯେତେ କାଢ଼ିଲେ ତାହା ଆହୁରି ବଢୁଥାଏ। ଉପନିଷଦରେ କୁହାଯାଇଛି ପୂର୍ଣ୍ଣତାରୁ ପୂର୍ଣ୍ଣକୁ କାଢ଼ିଲେ ମଧ ପୂର୍ଣ୍ଣ ହିଁ ଅବଶେଷ ରହିଥାଏ। ରାମ ନାମ ସମ୍ପୂର୍ଣ୍ଣ ରୋଗର ଏକ ନିରାପଦ ଔଷଧ। ତାହା ଶାରୀରିକ ହେଉ ମାନସିକ କିମ୍ବା ଆତ୍ମିକ।

ରାମ ନାମ ହିଁ ମୋର ବଳ ସେ କହୁଥିଲେ ଯେ ତାଙ୍କ ଦ୍ୱାରା ଯାହା କିଛି ସେବା ସମ୍ଭବ ହେଉଛି ସେ ସବୁ ରାମ ନାମର ପ୍ରଭାବ ଏବଂ କୃପା। ତାଙ୍କର ଉକ୍ତି ସ୍ପଷ୍ଟ ଥିଲା ମୋ ପାଖରେ ରାମ ନାମ ବ୍ୟତୀତ ଅନ୍ୟ କୌଣସି ଶକ୍ତି ନାହିଁ। ଏହା ମୋର ଏକମାତ୍ର ଆଶ୍ର।। ମହର୍ଷି ଚରକ କହିଛନ୍ତି -'ବିଷ୍ଣୁ ସହସ୍ରାମୂର୍ଦ୍ଧନାଂ ଚରାଚରପତିଂ ବିଭୁମ୍। ସ୍ତୁବନାମସହସ୍ରେଣ ଜ୍ୱରାନ୍ ବ୍ୟପୋହତି। ଭାରତର ଆସ୍ତିକ ସାଧାରଣ ଜନତା ନ ଜାଣେ କେଉଁ କାଳରୁ କହି ଆସିଛି - ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋ ନାରାୟଣୋ ହରିଃ। ଏଥିପାଇଁ ଗାନ୍ଧିଜୀ କହିଛନ୍ତି - 'ପ୍ରକୃତ ଡାକ୍ତର ତ ରାମ ଅଟନ୍ତି। ଭଗବାନଙ୍କର ନାମର ମହିମା ପ୍ରାୟ ସମସ୍ତ ଧର୍ମରେ ସମାନରୂପରେ ଦେଖିବାକୁ ମିଳିଥାଏ। ଗାନ୍ଧିଜୀଙ୍କ ଭାଷାରେ ରାମ ନାମର ମହିମା କେବଳ ଯେ ତୁଳସୀ ଦାସ ଗାନ କରିଛନ୍ତି ତାହା ନୁହେଁ।

ରାମାୟଣରେ ଗୋଟିଏ କଥା ଅଛି ଯେ ହନୁମାନଜୀଙ୍କୁ ସୀତାଦେବୀ ଯେତେବେଳେ ମୋତିର ମାଳାଟିଏ ଦେଲେ, ସେ ତାକୁ ଛିଣ୍ଡାଇ ଭାଙ୍ଗିଦେଲେ, କାରଣ ତାଙ୍କୁ ସେଥିରେ ଦେଖିବାର ଥିଲା ଯେ ସେଥିରେ ରାମ ନାମ ଅଛି କି ନାହିଁ। ଏହି କଥା ସତ କି ନୁହେଁ ଏହି ଚିନ୍ତା ଆମେ କାହିଁକି କରିବା ? ଆମର ତ ଏତିକି ଶିଖିବାର ଅଛି ଯେ ହନୁମାନଜୀଙ୍କ ଭଳି ଶକ୍ତି ଶୈବାଳପ୍ରଦ ଶରୀର ଆମର ନହେଉ କିନ୍ତୁ ତାଙ୍କ ଭଳି ଆତ୍ମା ତ ବିକଶିତ କରିପାରିବା। ଚାହିଁଲେ ଏହି ଉଦାହରଣକୁ ଗ୍ରହଣ କରି ଜଣେ ସିଦ୍ଧ କରିପାରିବ। ସିଦ୍ଧ ନ ହୋଇପାରିଲେ ନ ହେଉ ତାକୁ ଚେଷ୍ଟା କରିବା ତ ଢ଼େର। ଗୀତାରେ କୁହାଯାଇଛି ମନୁଷ୍ୟକୁ ପ୍ରଯତ୍ନ କରିବା ଉଚିତ ଏବଂ ଫଳ ଈଶ୍ୱରଙ୍କ ହାତରେ ଛାଡ଼ିଦେବା ଉଚିତ। ଏଣୁ ତୁମକୁ, ମୋତେ ଏବଂ ସମସ୍ତଙ୍କୁ ପ୍ରୟାସ କରିକୁ ପଡ଼ିବ। ସେହିଦିନ ରୋଗରେ ପୀଡ଼ିତ ଜଣେ ଭଉଣୀଙ୍କ ନିକଟକୁ ପତ୍ର ଲେଖି ମଧ ବାପୁ ଏକଥା ଲେଖିଥିଲେ ଯେ ସଂସାରରେ ଯଦି କୌଣସି ଅବ୍ୟର୍ଥ ଔଷଧ ଅଛି ତାହେଲେ ତାହା ହେଉଛି ରାମନାମ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ସିନେ କିମ୍ବଦନ୍ତୀ ମନୋଜ କୁମାର : ଦେଶ ଭକ୍ତିର ମହାନାୟକ

**ଅନୁପମା ଭୂୟାଁ**

ଟାକିରି ଖୋଜିବାକୁ ଯାଇ ଓହ୍ଲାଇଲେ ସିନେ ଦୁନିଆର ପାଉଡର ମଖା ଜୀବନ ଜୀବିକାକୁ। ଲାଇଟ ଟେଷ୍ଟିଂରୁ ଆରମ୍ଭ ହେଲା ଅଭିନୟ। ତାପରେ ହରେକୃଷ୍ଣ ଗୋସ୍ୱାମୀରୁ ସେ ପରିଚିତ ହେଲେ ମନୋଜ କୁମାର। ରୋମାଣ୍ଟିକ, କମେଡ଼ି, ଆକ୍ସନ ସବୁଥିରେ ତାଙ୍କ ନମ୍ବର ୱାନ ଅଭିନୟର ଯାଦୁରେ ଦର୍ଶକଙ୍କୁ ସିନେମା ଘରକୁ ଟାଣି ପାରୁଥିଲେ। ଦେଶ ଭକ୍ତି ସିନେମାର ନୂଆ ଯୁଗ ତାଙ୍କ ଠାରୁ ହିଁ ଆରମ୍ଭ ହୋଇଥିଲା ଯାହା କ୍ରାନ୍ତୀର ରୂପ ନେଲା। ଏହି କ୍ରାନ୍ତୀ ହିଁ ତାଙ୍କୁ ନୂଆ ପରିଚୟ ଦେଇ ମନୋଜ କୁମାରରୁ ସେ ପରିଚିତ ହୋଇଗଲେ ଭାରତ କୁମାର। ତାଙ୍କର ଅଭିନୟ ଯାଦୁରେ ଅନେକ ସିନେମା ବ୍ଲକବଷ୍ଟରର ମାନ୍ୟତା ପାଇଲା। କିନ୍ତୁ ଭାରତ କୁମାର ଟ୍ୟାଗ୍ ସବୁ ଦିନ ପାଇଁ ତାଙ୍କ ସହିତ ରହିଗଲା। ଭାରତୀୟ ସିନେ ଜଗତକୁ ନୂଆ ମାର୍ଗ ଦେଖାଇଥିବା ବର୍ଷିଆନ ଅଭିନେତା, ନିର୍ଦ୍ଦେଶକ ତଥା ପଟ୍ଟକଥା ଲେଖକ ମନୋଜ କୁମାର ସିନେ ଦୁନିଆର ଜଣେ ଚିକମିକ କରୁଥିବା ଧ୍ରୁବତାରା।

୧୯୩୭ ଜୁଲାଇ ୨୪ ତାରିଖ ସେ ସମୟର ବ୍ରିଟିଶ ଭାରତର ଉତ୍ତର ପଶ୍ଚିମ କ୍ଷେତ୍ର କୁହାଯାଉଥିବା ଅତି ଛୋଟ ସହର ଏବଟାବାଦ ଯାହା ବର୍ତ୍ତମାନ ପାକିସ୍ତାନରେ ଅଛି। ଏକ ପଞ୍ଜାବୀ ହିନ୍ଦୁ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ। ବିଭାଜନର ପରେ ମାତ୍ର ଦଶ ବର୍ଷ ବୟସର ସେ ହୋଇଥିଲାବେଳେ ତାଙ୍କ ପରିବାର ପାକିସ୍ତାନ ଛାଡ଼ି ଭାରତ ଆସିଥିଲେ ଆଉ ଦିଲ୍ଲୀର ରାଜେନ୍ଦ୍ର ନଗରରେ ଅବସ୍ଥାନ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପାଠ ପଢ଼ା ପରେ ଚାକିରୀ ଅନ୍ୱେଷଣରେ ଆସିବା ସମୟରେ ହିଁ ସେ ସିନେ ଦୁନିଆରେ ପାଦ ଦେଇଥିଲେ। ତାଙ୍କର ପ୍ରଥମ ଫିଲ୍ମଟି ଥିଲା 'ଫ୍ୟାସନ' ପରେ ୧୯୬୧ରେ ତାଙ୍କ 'କାଁଚ କୀ ଗୁଡ଼ିଆ'ରେ ଲିଡ଼ ହୀରୋ ଓ ୧୯୬୨ରେ 'ହରିୟାଲୀ ଔର ରାସ୍ତା' ଥିଲା ତାଙ୍କର ହିଟ୍ ସିନେମା। ଏହାପରେ 'ସାଦି', 'ଗ୍ରହସ୍ଥି' 'ଔ କୌନ ଥି' ସପୁରହିଟ ହୋଇଥିଲା। ୧୯୬୫ରେ ତାଙ୍କର 'ଶହୀଦ' ଫିଲ୍ମ ତାଙ୍କୁ ରାତାରାତି ଷ୍ଟାର କରିଦେଇଥିଲା। ସେ ସମୟର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଏହି ଫିଲ୍ମକୁ ଖୁବ ପସନ୍ଦ କରିଥିଲେ। ତେବେ ତାଙ୍କ ନିର୍ଦ୍ଦେଶିତ ଦେଶାତ୍ମବୋଧକ ସିନେମା 'ଉପକାର' ବକ୍ସ ଅଫିସରେ ଚହଳ ପକାଇଥିଲା।



ସତୁରୀ ଦଶକରେ ମନୋଜ ଦେଶଭକ୍ତି ସିନେମା ଦିଗକୁ ଆସିଥିଲେ। ତାଙ୍କର 'ପରବ ଔର ପଶ୍ଚିମ' ଉଭୟ ଭାରତ ଓ ଭାରତ ବାହାରେ ବ୍ଲକ ବଷ୍ଟରର ମାନ୍ୟତା ପାଇଥିଲା। ତାଙ୍କର 'ବେ-ଇମାନ' ସିନେମାଟି ନିଖୁଣ ପ୍ରଦର୍ଶନ ପାଇଁ ପ୍ରଥମ ଓ ଏକମାତ୍ର ଫିଲ୍ମ ଫେୟାର ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇଥିଲେ। ସତୁରୀ ଦଶକର ମଧ ଭାଗରେ ତାଙ୍କର ତିନୋଟି ବ୍ଲକ ବଷ୍ଟର ସିନେମା ହଇଚଇ ସୃଷ୍ଟି କରିଥିଲା। ସେଗୁଡ଼ିକ ଥିଲା 'ରୋଟି, କପଡ଼ା ଔର ମକାନ', 'ସନ୍ନ୍ୟାସୀ' ଓ 'ଦଶନମ୍ବରୀ' ପରେ 'ଅମାନତ୍' ଓ ଆଧାତ୍ମିକ ଭାବଧାରାର ସିନେମା 'ଶିରିଡ଼ି କେ ସାଇବାବା' କମରସିଆଲ ହିଟ ହୋଇଥିଲା। ତାଙ୍କର ସବୁଠାରୁ ସଫଳ ଦେଶଭକ୍ତି ସିନେମା ଥିଲା ୧୯୮୧ରେ ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ 'କ୍ରାନ୍ତୀ' ପରେ ସେ 'ନସୀବ', 'ଲାୱାରିସ୍', 'ଏକ ଦୁଜେ କେଲିୟେ', 'ଲଭ୍ ଷ୍ଟୋରୀ' ଓ 'ମେରୀ ଆୱାଜ ଶୁନୋ' ସିନେମା ହିଟ ମାନ୍ୟତା ପାଇଥିଲା। ୧୯୯୫ରେ 'ମୈଦାନ ଏ ଜଙ୍ଗ' ପରେ ଏକ ପ୍ରକାର ସିନେମାରୁ ସେ ଦୂରେଇ ଯାଇଥିଲେ। ୧୯୯୯ରେ ୪୪ତମ ଫିଲ୍ମ ଫେୟାର ଆୱାର୍ଡ଼ସରେ ତାଙ୍କ ଜୀବନବ୍ୟାପୀ କୃତୀତ୍ୱ ପାଇଁ ସମ୍ମାନ ପ୍ରଦାନ କରାଯାଇଥିଲା।

ପିଲାଦିନରୁ ଦିଲ୍ଲୀପ କୁମାରଙ୍କ ବଡ଼ ଫ୍ୟାନ ଥିଲେ ମନୋଜ କୁମାର। ୧୯୪୯ରେ 'ସବନମ' ଫିଲ୍ମକୁ ସେ ବାରମ୍ବାର ଦେଖିଥିଲେ ଏଥିରେ ଦିଲ୍ଲୀପ କୁମାରଙ୍କ ନାଁ ଥିଲା ମନୋଜ। ଏଇଥିରୁ ଏତେ ସେ ପ୍ରେରିତ ହୋଇଥିଲେ ଯେ ନିଜ ନାଁ ରଖିଥିଲେ ମନୋଜ କୁମାର। ୧୯୬୭ ମସିହାର ବଡ଼ ହିଟ ସିନେମା 'ଉପକାର'ର ଏକ ଗୀତ 'ମେରେ ଦେଶ କୀ ଧରିତ୍ରୀ ସୋନ ଉଗଲେ....' ଆଜି ବି ଶ୍ରେଷ୍ଠ ଦେଶଭକ୍ତି ଗୀତ ଭାବେ ପ୍ରତିଟି ଭାରତୀୟଙ୍କ ହୃଦୟ ଭିତରେ ଝଙ୍କୃତ ହେଉଛି। ଏହି ଫିଲ୍ମରେ ମନୋଜ କୁମାରଙ୍କ ନାଁ ଥିଲା ଭାରତ। ସେ ଏହି ନାଁରେ ହିଁ ଲୋକପ୍ରିୟ ଥିଲେ। ୧୯୮୧ରେ ମୁକ୍ତିଲାଭ କରିଥିବା ଐତିହାସିକ ଡ୍ରାମା ସିନେମା 'କ୍ରାନ୍ତୀ'। ଏହି ସିନେମା ଲାଗି ମନୋଜ କୁମାର ଦିଲ୍ଲୀରେ ଥିବା ନିଜ ବଙ୍ଗଳା ଓ ମୁମ୍ବାଇରେ ନିଜ ଜାଗା ବିକ୍ରି କରିଦେଇଥିଲେ। ଏହି ସିନେମା ମୁକ୍ତି ଲାଭ ହେଲାପରେ ସେ ସବୁଦିନ ପାଇଁ ଅମର ହୋଇଗଲେ। ୧୯୬୫ରେ ତାଙ୍କ ଦେଶଭକ୍ତି ସିନେମା 'ଶହୀଦ'ରେ ସେ ନିଜେ ସଂଗ୍ରାମୀ ଭଗତ ସିଂ ଭୂମିକାରେ ନଜରକୁ ଆସିଥିଲେ। ଏହାର ଏକ ସୁପରହିଟ ଗୀତ ଥିଲା 'ଏ ୱତନ୍, ଏ ୱତନ୍ ହମୋ କୋ ତେରୀ କସମ୍' ଓ 'ମେରା ରଙ୍ଗ ଦେ ବସନ୍ତୀ ଚୋଲ୍ଲା'କୁ ଦର୍ଶକ ଖୁବ ପସନ୍ଦ କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ସ୍ଲୋଗାନ ଥିଲା 'ଜୟ ଜବାନ, ଜୟ କିଶାନ'। ଏହି ସ୍ଲୋଗାନ ଉପରେ ଶାସ୍ତ୍ରୀଜୀ ମନୋଜ କୁମାରଙ୍କୁ ଏକ ସିନେମା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାପରେ ମନୋଜ କୁମାର ଆରମ୍ଭ କରିଥିଲେ ସିନେମା 'ଉପକାର'। ଅନେକ ହୁଏତ ଜାଣି ନଥିବେ ଥରେ ବଲିଉଡର ବାଦଶାହା କୁହାଯାଉଥିବା ଶାରୁଖ ଖାଁଙ୍କ ଉପରେ ସେ ଖୁବ ରାଗି ଯାଇଥିଲେ। ମାମଲାଟି ଥିଲା ୨୦୦୭ର ସିନେମା 'ଓମ୍ ଶାନ୍ତି ଓମ୍'। ଏହି ସିନେମାର ନିର୍ଦ୍ଦେଶକ ଥିଲେ ନିର୍ଦ୍ଦେଶିକା ଫରାହ ଖାନ ଓ ଶାରୁଖଙ୍କ ବିରୁଦ୍ଧରେ ମାନହାନୀ ମକୋଦ୍ଦମା କରିଥିଲେ। ସିନେମାର ଏକ ଅଭିନୟ ଯାହାକି ତାଙ୍କୁ ଉପଲଖ୍ୟ କରାଯାଇ ସୁଟିଂ ହୋଇଥିଲା ତେବେ ପ୍ରଡକ୍ସନ ହାଉସ ୟୁରୋଜ ଇଣ୍ଟରନ୍ୟାସନାଲ ଓ ଶାହାରୁଖଙ୍କ ଠାରୁ ୧୦୦ କୋଟି ଟଙ୍କା କ୍ଷତି ପୂରଣ ଦାବୀ କରିଥିବା ମନୋଜ ପରବର୍ତ୍ତୀ ସମୟରେ ଆପୋଷ ମିଳାମିଶା ଦ୍ୱାରା ମାମଲାଟି ପ୍ରତ୍ୟାହାର କରିଥିଲେ। ତାଙ୍କ ଅଭିନୟ ସହ ଭାରତୀୟ ସିନେ ଜଗତର ଦେଶାତ୍ମବୋଧକ ସିନେମାର ଏକ ଯୁଗର ଅବସାନ ହୋଇଛି। ତାଙ୍କ ଭଳି ଜଣେ ଦେଶପ୍ରେମୀ, ଗର୍ବିତ ଜାତୀୟତାବାଦୀ କଳାକାର ବାସ୍ତବିକ ଚିର ଅମର। ୧୯୯୨ରେ ତାଙ୍କୁ ପଦ୍ମଶ୍ରୀ ଓ ୨୦୧୫ରେ ଦାଦା ସାହେବ ଫାଲକେ ଆୱାର୍ଡ଼ ପାଇଥିଲେ। ସେ ଥିଲେ ଭାରତୀୟ ସିନେମାର ଜଣେ ଆଇକନ୍ ଯେ କି ତାଙ୍କ ଦେଶାତ୍ମବୋଧ ପାଇଁ ବିଶେଷ ଭାବରେ ସ୍ମରଣୀୟ ଥିଲେ। ତାଙ୍କ ସିନେମା ଜାତୀୟ ଗୌରବର ଭାବନାକୁ ଜାଗ୍ରତ କରିବା ସହ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇଛି। ତାଙ୍କ ଅମ୍ଳାନ ଆତ୍ମାର ସଦଗତି ପାଇଁ କୋଟି କୋଟି ପ୍ରଶଂସକଙ୍କ ସହ ଭଗବାନଙ୍କୁ ପ୍ରାର୍ଥନା କରୁଛୁ।

*'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ*

ମାତୃଭାଷା
୦୬.୦୪.୨୦୨୫ ରିଖ


# ବୈଚିତ୍ରା



## ପରମାଣୁ ବୋମାଠୁ ଶକ୍ତିଶାଳୀ ମିଆଁମାର ଭୂମିକମ୍ପ

ପରମାଣୁ ବୋମାଠୁ ଭୟଙ୍କର ଭୂମିକମ୍ପ । ମିଆଁମାରରେ ତାଣ୍ଡବ ରଚିଥିବା ଭୂମିକମ୍ପ କେତେ ଶକ୍ତିଶାଳୀ ଥିଲା ? ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ରେକର୍ଡ ହୋଇଥିଲା । ଏପରିକି କେତେକ ଗଣମାଧ୍ୟମରେ ୭.୯ ତୀବ୍ରତା ଥିବା ମଧ୍ୟ ଖବର ପ୍ରସାରିତ ହୋଇଥିଲା । ହେଲେ ଏବେ ଏକ ଅତି ଆଶ୍ଚର୍ଯ୍ୟଜନ ଓ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି । ୩ ଶହ ପରମାଣୁ ବୋମାର ଯେତିକି ଶକ୍ତି ଥାଏ, ତାହାଠାରୁ ଅଧିକ ଶକ୍ତିଶାଳୀ ଥିଲା ଏହି ଭୂମିକମ୍ପ । ଆମେରିକାର ଭୂତତ୍ତ୍ୱବିତ୍ କହିଛନ୍ତି ଯେ, ପ୍ରଳୟଙ୍କରୀ ଭୂମିକମ୍ପ ପ୍ରାୟ ୩୩୪ ଆଣବିକ ବୋମାର ଶକ୍ତି ଛାଡ଼ିଥିଲା । ଜେସ୍ ଫୋନେକ୍ସ ଆମେରିକୀୟ ଗଣମାଧ୍ୟମ ସିଏନଏସକୁ ଏକ ସାକ୍ଷାତକାରରେ ଏକଥା କହିଛନ୍ତି । ଫୋନେକ୍ସ ଆଶଙ୍କା କରିଛନ୍ତି ଯେ ଭୂମିକମ୍ପ ଜନିତ ମୃତ୍ୟୁ ସଂଖ୍ୟା ଆଗକୁ ବହୁତ ଅଧିକ ବଢ଼ିପାରେ । ଏପରିକି ଭୂମିକମ୍ପ ଜନିତ ମୃତ୍ୟୁ ସଂଖ୍ୟା ୧୦ ହଜାର ଛୁଇଁପାରେ । ଏହାସହ ଆଗକୁ ମଧ୍ୟ ପ୍ରଭାବିତ ଅଞ୍ଚଳରେ ପୁଣି ଭୂମିକମ୍ପ ହୋଇପାରେ । ମିଆଁମାରରେ ଭୂମିକମ୍ପରେ ୧୬ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ପ୍ରାୟ ୪ ହଜାର ଲୋକ ଆହତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି, ଭଗ୍ନାବଶେଷ ତଳେ ଅନେକ ପୋତି ହୋଇ ରହିଥିବା ଆଶଙ୍କା ।




# ଭାରତରେ ହୋଇପାରେ ବଡ଼ ଧରଣର ଭୂମିକମ୍ପ !

ମିଆଁମାର ପରି ଭାରତରେ ହେବ ଭୂ-କମ୍ପ । ଭାଙ୍ଗିବ ଅଟ୍ଟାଳିକା, ମାଟିରେ ମିଶିବ ଘର । ଶହଶହ ଲୋକ ହେବେ ବାସହରା । ଚାଲିଯାଇପାରେ ଅନେକ ଜୀବନ । ଇଏ କୌଣସି ଜ୍ୟୋତିର୍ବିଦ କି ଭବିଷ୍ୟବକ୍ତା ପୂର୍ବାନୁମାନ କରିନାହାନ୍ତି ବରଂ କାନପୁର ଆଇଆଇଟିର ବୈଜ୍ଞାନିକ କହିଛନ୍ତି । ଏମିତି ଆକଳନ ପରେ ପୂରା ଦେଶରେ ଏବେ ଚର୍ଚ୍ଚା ସତରେ କ'ଣ ମିଆଁମାର ସ୍ଥିତି ଭାରତରେ ହେବ ।

ବର୍ଷା, ଶୀତ ଓ ଖରା କେବେ ଓ କେଉଁଠି ହେବ ସେନେଇ ପାଣିପାଗ ବିଭାଗ ବହୁ ପୂର୍ବରୁ ପୂର୍ବାନୁମାନ କରେ । ଖାଲି ଏତିକି ନୁହେଁ ବାଦଲଫଟା ବର୍ଷା ଓ କାଳବୈଶାଖୀର ବି ପୂର୍ବାନୁମାନ କରିପାରେ ଆଇଏମଡି । ହେଲେ ଭୂ-କମ୍ପ କେବେ ଓ କେଉଁଠି ହେବ ସେନେଇ କୌଣସି ସୂଚନା ଏଯାବତ୍ ପାଣିପାଗ ବିଭାଗ ଦେଇପାରିନି ପୂର୍ବାନୁମାନ କରି । କେବଳ ଭୂ-କମ୍ପ ପରିଧି ବା ବେଲ୍ଟ କେଉଁ ସ୍ଥାନ ତାହା ଆକଳନ କରାଯାଇପାରେ । ହେଲେ ଭୂ-କମ୍ପ କେବେ ହେବ ସେନେଇ କୌଣସି ସ୍ୱଷ୍ଟ ସୂଚନା ମିଳିପାରେ ନାହିଁ । ଏହାରି ଭିତରେ ପୂରା ବିଶ୍ୱକୁ ଦୋହଲାଇ ଦେଇଛି ମିଆଁମାରର ଶକ୍ତିଶାଳୀ ଭୂ-କମ୍ପ । କିଛି ସେକେଣ୍ଡର ଏ ଭୂକମ୍ପ କେତେ ଯେ ଘର ଭାଙ୍ଗିଛି କେତେ ଯେ ଜୀବନ ନେଇଛି ତାହାର ହିସାବ ନାହିଁ । ଆଉ ସମାନ ଡର ଭାରତ ପ୍ରତି ଥିବା କଥା ବୈଜ୍ଞାନିକ କହିବା ପରେ ଏବେ ଭୟ ବଢ଼ିଛି ।

ଭାରତର ଉତ୍ତରରେ ରହିଛି ସୁଦୀର୍ଘ ହିମାଳୟ । ଆଉ ଏହି ହିମାଳୟ ହିଁ ଆଗାମୀ ଦିନରେ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିପାରେ । ଅର୍ଥାତ୍ ମିଆଁମାରରେ ହୋଇଥିବା ଶକ୍ତିଶାଳୀ ଭୂ-କମ୍ପ ଲାଗି ସାଗାଇଙ୍ଗ ଫଲ୍ଟ ଦାୟୀ । ଏହି ଫଲ୍ଟ ଅତି ବିପଦପୂର୍ଣ୍ଣ । ଠିକ୍ ସେହିପରି ଭାରତର ପଶ୍ଚିମବଙ୍ଗ ସିଲିଗୁଡ଼ିରେ ରହିଛି ଗଙ୍ଗା ଓ ବଙ୍ଗ ଫଲ୍ଟ । ଯଦି କେତେବେଳେ ବି ଏହି ଫଲ୍ଟ ସକ୍ରିୟ ହେଉଛି ତା'ହେଲେ ଅନ୍ୟ ଫଲ୍ଟ ବି ସକ୍ରିୟ ହୋଇପାରେ । ଯଦି ଏମିତି ହୁଏ ତା'ହେଲେ ଭୟଙ୍କର ବିପତ୍ତି ମାଡ଼ି ଆସିବ । ଖାଲି ସିଲିଗୁଡ଼ିରେ ନୁହେଁ ବରଂ ହିମାଳୟରେ ବି ଏମିତି ଅନେକ ଫଲ୍ଟ ରହିଛି । ଯାହା ଦେଶ ପାଇଁ କେଉଁ ମୁହୂର୍ତ୍ତରେ ବି ବିପଦ ସୃଷ୍ଟି କରିପାରେ ।

ଆଇଆଇଟି କାନପୁରର ବୈଜ୍ଞାନିକଙ୍କ ସତର୍କବାଣୀ । ଭାରତକୁ ଲାଗିପାରେ ମିଆଁମାର ପରି ଶକ୍ତିଶାଳୀ ଭୂମିକମ୍ପ ଝଟକା । ଆଇଆଇଟି କାନପୁରର ଆର୍ଥ ସାଇନସ ବିଭାଗର ପ୍ରଫେସର ଜାଭେଦ ମଲିକ କହିଛନ୍ତି, ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ଭୟଙ୍କର ଭୂମିକମ୍ପର



> ଆଇଆଇଟି କାନପୁରର ବୈଜ୍ଞାନିକଙ୍କ ସତର୍କବାଣୀ । ଭାରତକୁ ଲାଗିପାରେ ମିଆଁମାର ପରି ଶକ୍ତିଶାଳୀ ଭୂମିକମ୍ପ ଝଟକା । ଆଇଆଇଟି କାନପୁରର ଆର୍ଥ ସାଇନସ ବିଭାଗର ପ୍ରଫେସର ଜାଭେଦ ମଲିକ କହିଛନ୍ତି, ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ଭୟଙ୍କର ଭୂମିକମ୍ପର ମୁଖ୍ୟ କାରଣ ହେଉଛି ସାଗାଇଙ୍ଗ ଫଲ୍ଟ । ସାଗାଇଙ୍ଗ ଫଲ୍ଟ ବହୁତ ବିପଦପୂର୍ଣ୍ଣ ଏବଂ ଏହି ଫଲ୍ଟକୁ ଇଣ୍ଟରନେଟରେ ଥିବା ମ୍ୟାପ ମାଧ୍ୟମରେ ସହଜରେ ଦେଖିହେବ । ପ୍ରଫେସର ଜାଭେଦ ମଲିକ କହିଛନ୍ତି, 'ଭାରତର ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଗଙ୍ଗା-ବଙ୍ଗ ଫଲ୍ଟ ଅଛି, ଏପରି ପରିସ୍ଥିତିରେ, ଏହି ସମ୍ଭାବନାକୁ ଏଡାଇ ଦିଆଯାଇପାରିବନି । ଏହି ଫଲ୍ଟ ସକ୍ରିୟ ହେବା ଯୋଗୁଁ ଅନ୍ୟ ଏକ ଫଲ୍ଟ ମଧ୍ୟ ସକ୍ରିୟ ହୋଇପାରେ, ଯାହା ଭାରତରେ ଏକ ଭୟଙ୍କର ଭୂମିକମ୍ପ ସୃଷ୍ଟି କରିପାରେ । ଜାପାନୀ ଏବଂ ୟୁରୋପୀୟ ବିଶେଷଜ୍ଞମାନେ ସାଗାଇଙ୍ଗ ଉପରେ କାମ କରିଛନ୍ତି ।

ମୁଖ୍ୟ କାରଣ ହେଉଛି ସାଗାଇଙ୍ଗ ଫଲ୍ଟ । ସାଗାଇଙ୍ଗ ଫଲ୍ଟ ବହୁତ ବିପଦପୂର୍ଣ୍ଣ ଏବଂ ଏହି ଫଲ୍ଟକୁ ଇଣ୍ଟରନେଟରେ ଥିବା ମ୍ୟାପ ମାଧ୍ୟମରେ ସହଜରେ ଦେଖିହେବ । ପ୍ରଫେସର ଜାଭେଦ ମଲିକ କହିଛନ୍ତି, 'ଭାରତର ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଗଙ୍ଗା-ବଙ୍ଗ ଫଲ୍ଟ ଅଛି, ଏପରି ପରିସ୍ଥିତିରେ, ଏହି ସମ୍ଭାବନାକୁ ଏଡାଇ ଦିଆଯାଇପାରିବନି । ଏହି ଫଲ୍ଟ ସକ୍ରିୟ ହେବା ଯୋଗୁଁ ଅନ୍ୟ ଏକ ଫଲ୍ଟ ମଧ୍ୟ ସକ୍ରିୟ ହୋଇପାରେ, ଯାହା ଭାରତରେ ଏକ ଭୟଙ୍କର ଭୂମିକମ୍ପ ସୃଷ୍ଟି କରିପାରେ । ଜାପାନୀ ଏବଂ ୟୁରୋପୀୟ ବିଶେଷଜ୍ଞମାନେ ସାଗାଇଙ୍ଗ ଉପରେ କାମ କରିଛନ୍ତି । ଅନେକ ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ ଏଠାରେ ଭୂମିକମ୍ପର ବାରମ୍ବାରତା ୧୫୦ ରୁ ୨୦୦ ବର୍ଷ ମଧ୍ୟରେ ହୋଇଥାଏ, ଯାହାର ଅର୍ଥ ହେଉଛି ଏତେ ବର୍ଷରେ ଥରେ ଏକ ବଡ଼ ଭୂମିକମ୍ପ ହୁଏ । ହିମାଳୟରେ ଅନେକ ସକ୍ରିୟ ଫଲ୍ଟ ରେଖା ଅଛି । ଏହା ସେମାନଙ୍କର ସମ୍ମୁଖ ଅଂଶରେ କରାଯାଇଛି, କିନ୍ତୁ ସେମାନଙ୍କ ଉପରେ ମଧ୍ୟ ଫଲ୍ଟ ରେଖା ଅଛି । ଆମେ କେବଳ ପ୍ଲେଟ ସୀମା ପାଖରେ ହେଉଥିବା ଭୂମିକମ୍ପକୁ ଦେଖିବା ଉଚିତ ନୁହେଁ । ଭାରତର ଉତ୍ତର-ପୂର୍ବ ଅଞ୍ଚଳ ଏବଂ କଶ୍ମୀର ଜୋନ-୫ ଅଧୀନରେ ଆସେ । ଏପରି ପରିସ୍ଥିତିରେ, ଏହି କ୍ଷେତ୍ରଗୁଡ଼ିକରେ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି । ଏହା ବ୍ୟତୀତ, ଏହି ଅଞ୍ଚଳରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯିବା ଉଚିତ ଏବଂ ଭୂମିକମ୍ପର ପ୍ରଭାବକୁ ହ୍ରାସ କରିବା ପାଇଁ କାର୍ଯ୍ୟ କରାଯିବା ଉଚିତ ।

ଭୂ-କମ୍ପର କଥା ଯେବେଯେବେ ଆସେ ସେବେ ପଡ଼ୋଶୀ ନେପାଳ ଓ ଜାପାନର କଥା ଆସେ । କାରଣ ଶକ୍ତିଶାଳୀ ଭୂ-କମ୍ପର ଝଟ୍କାରେ ମାତ୍ର କେହି ମୁହୂର୍ତ୍ତରେ ଦୁଇ ଦେଶର ଭୌଗୋଳିକ ସ୍ଥିତି ବିଗାଡ଼ି ଦେଇଥିଲା । ଏହାରି ଭିତରେ ମିଆଁମାରରେ ଭୂ-କମ୍ପ ହେବା ପରେ ଜାପାନର ବିଶେଷଜ୍ଞ ଯେଉଁ ଆକଳନ କରିଛନ୍ତି ତାହା ବି ଚିନ୍ତାଜନକ । ସେ କହିଛନ୍ତି, ଶୀତ ଋତୁରେ ଦେଶରେ ହେବ ଭୟଙ୍କର ଭୂକମ୍ପ । ଥରକେ ଯିବ ୩ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ । ଯଦି ଏମିତି ହୁଏ ତାହେଲେ ପୂରା ବିଶ୍ୱର ଅର୍ଥନୀତି ଦୋହଲିଯାଇପାରେ । ମୋଟ୍ ? ଉପରେ ଭାରତରେ ବି ଭୟଙ୍କର ଭୂ-କମ୍ପ ହେବା ନେଇ ଆଶଙ୍କା ଦେଖାଯିବା ପରେ ଏବେ ଚିନ୍ତା ବଢ଼ିଛି ।

ସାରା ଦୁନିଆକୁ ଦୋହଲାଇ ଦେଇଛି ମିଆଁମାର ଭୂମିକମ୍ପ । ୧୨ମିନିଟରେ ଦୁଇ ଦୁଇ ଥର ଭୂମିକମ୍ପ ଦେଶକୁ ଛାରଖାର କରିଛି । ତେବେ ସେଭଳି କିଛି ଝଟକା ଭାରତକୁ ମଧ୍ୟ ଲାଗିପାରେ । ଏନେଇ ସତର୍କ କରାଇଛନ୍ତି ଆଇଆଇଟି କାନପୁର ବୈଜ୍ଞାନିକ । ସେପଟେ ଜାପାନରେ ହୋଇପାରେ ମେଗା ଆର୍ଥକ୍ୱାର୍କ ବା ଅତ୍ୟନ୍ତ ଭୟଙ୍କର ଭୂମିକମ୍ପ । ଯେଉଁଥିରେ ଥରକେ ଯାଇପାରେ ୩ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ।

ଏହି ଆକଳନ କରିଛନ୍ତି ଆଇଆଇଟି କାନପୁର ବୈଜ୍ଞାନିକ । ଆଇଆଇଟି କାନପୁରର ଆର୍ଥ ସାଇନସ ବିଭାଗର ପ୍ରଫେସର ଜାଭେଦ ମଲିକ କହିଛନ୍ତିଟ । ସେପଟେ ଚିନ୍ତା ବଢ଼ାଇଛି ଜାପାନର ବିଶେଷଜ୍ଞଙ୍କ ନୂଆ ଆକଳନ । ୨୦୧୧ ପରି ପୁଣି ଦେଶକୁ ଲାଗିପାରେ ଭୟଙ୍କର ଭୂକମ୍ପ ଝଟକା । ବିଶେଷଜ୍ଞ ଆକଳନ କହୁଛି---

ଜାପାନକୁ ଲାଗିବ ପ୍ରଳୟଙ୍କାରୀ ଭୂକମ୍ପ ଝଟକା । ଜାପାନରେ ମେଗାକ୍ୱାକ୍ ବା ପ୍ରଳୟଙ୍କରୀ ଓ ଭୟଙ୍କର ସୁନାମୀ ହୋଇପାରେ । ଭୂକମ୍ପର ତୀବ୍ରତା ପାଖାପାଖି ୯.୧ରୁ ଅଧିକ ରହିପାରେ । ଶୀତ ଋତୁରେ ହେବା ଆଶଙ୍କା ରହିଛି । ଜାପାନର ଭୂକମ୍ପ ଜୋନ୍ ହେଉଛି ନାନକାଇ ଟ୍ରାକ୍ । ଏଠାରେ ଶହେରୁ ୨ଶହ ବର୍ଷ ଭିତରେ ଥରୁଟିଏ ବଡ଼ ଧରଣର ଭୂକମ୍ପ ଆସିଥାଏ । ଯାହା ଫଳରେ ଥରକେ ୩ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇପାରେ । ଏଥିସହ ୨ ଟ୍ରିଲିୟନ୍ ଡଲାର କ୍ଷୟକ୍ଷତି ମଧ୍ୟ ସହିବ ଦେଶ ।

ଶେଷଥର ପାଇଁ ୨୦୨୪ରେ



୭.୧ ତ୍ରୀବତାର ଭୂମିକମ୍ପ ଝଟକାରେ ବଡଧରଣରର କ୍ଷତି ହୋଇଥିଲା । ଏହା ପୂର୍ବରୁ ୨୦୧୧ରେ ହୋଇଥିବା ଭୟଙ୍କର ଭୂକମ୍ପରେ ୧୫ହଜାରରୁ ଅଧିକ ସଂଖ୍ୟକ ଲୋକଙ୍କ ଜୀବନ ଯିବା ସହ ଜାପାନ ସହିଥିଲା ବଡଧରଣର କ୍ଷତି ।

### ଦୁଇଥର ଥରିଲା ପୃଥିବୀ

ଏକ ଭୟଙ୍କର ଭୂକମ୍ପ ଯୋଗୁ ପୁଣି ଥରେ ପୃଥିବୀ ଥରି ଉଠିଛି । ନୂଆଦିଲ୍ଲୀରୁ ପ୍ରାୟ ୮,୧୧୬ କିଲୋମିଟର ଦୂର ପାପୁଆ ନ୍ୟୁ ଗିନିରେ ଏକ ବଡ଼ ଭୂକମ୍ପ ହୋଇଛି । ଶନିବାର ସକାଳେ ପାପୁଆ ନ୍ୟୁଗିନିର ନ୍ୟୁ ବ୍ରିଟେନ୍ ଦ୍ୱୀପର ଉପକୂଳରେ ୬.୯ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଛି । ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସଜିଏସ ) ଏହି ସୂଚନା ଦେଇଛି ।

ଆମେରିକା ପ୍ରଶାନ୍ତ ମହାସାଗର ସୁନାମି ଚେତାବନୀ କେନ୍ଦ୍ରର ଏକ ପରାମର୍ଶ ଅନୁଯାୟୀ, ୧୦ କିଲୋମିଟର (ଛଅ ମାଇଲ) ଗଭୀରତାରେ ହୋଇଥିବା ଏହି ଭୂକମ୍ପ ଏକରୁ ତିନି ମିଟର ଉଚ୍ଚ ସୁନାମି ତରଙ୍ଗ ସୃଷ୍ଟି କରିପାରେ ବୋଲି ସତର୍କ ସୂଚନା ଜାରି କରାଯାଇଥିଲା । ତଥାପି, ପରେ ସୁନାମି ଚେତାବନୀ ପ୍ରତ୍ୟାହାର କରାଯାଇଥିଲା ।

ସ୍ଥାନୀୟ ସମୟ ସକାଳ ୬ଟା ୪ ମିନିଟରେ ପାପୁଆ ନ୍ୟୁ ଗିନିରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ନିକଟତମ ପ୍ରମୁଖ ସହର କିମ୍ବେରୁ ପ୍ରାୟ ୧୯୪ କିଲୋମିଟର (୧୨୦ ମାଇଲ) ଦକ୍ଷିଣ-ପୂର୍ବରେ ଥିଲା । ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁସାରେ, ପ୍ରାୟ ୩୦ ମିନିଟ୍ ପରେ, ପ୍ରାୟ ସମାନ ସ୍ଥାନରେ ୫.୩ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଥିଲା ।

ତେବେ କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ । ନ୍ୟୁ ବ୍ରିଟେନ ଦ୍ୱୀପରେ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକ ବାସ କରନ୍ତି । ଅଷ୍ଟ୍ରେଲିଆର ପାଣିପାଗ ବିଭାଗ କହିଛି ଯେ, ପାପୁଆ ନ୍ୟୁଗିନିର ନିକଟତମ ପଡ଼ୋଶୀ ଦେଶ ପାଇଁ କୌଣସି ସୁନାମି ବିପଦ ନାହିଁ । ନ୍ୟୁଜିଲ୍ୟାଣ୍ଡ ପାଇଁ ମଧ୍ୟ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ ।

ସୂଚନାଯୋଗ୍ୟ, ପାପୁଆ ନ୍ୟୁଗିନିରେ ଭୂକମ୍ପ ଅନୁଭୂତ ହେବା ସାଧାରଣ ଘଟଣା । ପାପୁଆ ନ୍ୟୁଗିନି ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର'ରେ ଅବସ୍ଥିତ । ଯାହା ପ୍ରଶାନ୍ତ ମହାସାଗର ଚାରିପାଖରେ ଭୂକମ୍ପୀୟ ତ୍ରୁଟିର ଏକ ଚାପ କ୍ଷେତ୍ର । ବିଶ୍ୱର ଅଧିକାଂଶ ଭୂକମ୍ପ ଏବଂ ଆଗ୍ନେୟଗିରି ଉଦ୍‌ଗିରଣ ଏହିଠାରେ ଘଟିଥାଏ । ଏଠାରେ ବହୁତ କମ୍ ଜନସଂଖ୍ୟା ବାସ କରନ୍ତି ।

ଯଦିଓ ଭୂକମ୍ପ ଯୋଗୁ କମ୍ ଜନବସତି ବିଶିଷ୍ଟ ଅଞ୍ଚଳରେ କ୍ୱଚିତ୍ ବ୍ୟାପକ କ୍ଷତି ଘଟିଥାଏ । ତଥାପି ଭୂକମ୍ପ ଯୋଗୁ ଭୟଙ୍କର ଭୂସ୍ଖଳନ ସୃଷ୍ଟି ହେବାର ଆଶଙ୍କା ରହିଥାଏ ।

### ମ୍ୟାମାର ଛାରଖାର

ମ୍ୟାମାରରେ ଭୂକମ୍ପ ମୃତ୍ୟୁସଂଖ୍ୟା ୨ ହଜାର ଟପିଯାଇଛି । ସୋମବାର ଦେଶର ସାମରିକ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭୂକମ୍ପରେ ୨,୦୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩,୯୦୦ ଆହତ ହୋଇଛନ୍ତି । ପାଖାପା ?ଖି ୨୭୦ ଜଣ ନିଖୋଜ ଅଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ଜଣେ ମହିଳାଙ୍କୁ ଏକ ହୋଟେଲର ଭଗ୍ନାବଶେଷ ତଳୁ ଜୀବିତ ଉଦ୍ଧାର କରାଯାଇଛି । ମାଣ୍ଡଲେରେ ଗ୍ରେଟ୍ ୱାଲ ହୋଟେଲର ଭଗ୍ନାବଶେଷ ତଳୁ ମହିଳାଙ୍କୁ ଉଦ୍ଧାର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । ମାଣ୍ଡଲେ ହେଉଛି ଭୂକମ୍ପର କେନ୍ଦ୍ରସ୍ଥଳ ନିକଟରେ ଅବସ୍ଥିତ ବାଂଲାଦେଶର ଦ୍ୱିତୀୟ ବୃହତ୍ ସହର । ତେଣୁ ୩ ଦିନ ପରେ ବି କିଛି ଲୋକ ଜୀବିତ ଥିବା ନେଇ ଆଶା ରହିଛି । ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିଛନ୍ତି । ସ୍ପ୍ରିଙ୍ଗ ରିଭୋଲ୍ୟୁସନ୍ ମ୍ୟାମାର ମୁସଲିମ ନେଟୱର୍କର ଜଣେ ଷ୍ଟିୟରିଂ କମିଟି ସଦସ୍ୟ କହିଛନ୍ତି ଯେ ରମଜାନ ମଧ୍ୟରେ ଗତ ଶୁକ୍ରବାର ଦିନ ପ୍ରାର୍ଥନା ଚାଲିଥିବା ସମୟରେ ଭୂକମ୍ପ ଯୋଗୁଁ ମସଜିଦ ଭୁଶୁଡ଼ି ପଡ଼ିବାରୁ ୭୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି ।

ଅନ୍ୟପକ୍ଷେ ଥାଇଲାଣ୍ଡ୍‌ରେ ଭୂକମ୍ପ ମୃତ୍ୟୁସଂଖ୍ୟା ୧୮ରେ ରହିଛି । ୩ ଦିନ ପରେ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ତେଣୁ ଅଧିକ ମୃତଦେହ ମିଳିବା ନେଇ ଆଶଙ୍କା ରହିଛି । ଉଲ୍ଲେଖଯୋଗ୍ୟ ଯେ ଭାରତ ସମେତ ଅନେକ ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ଅନୁଷ୍ଠାନ ମ୍ୟାମାରକୁ ସହଯୋଗର ହାତ ବଢ଼ାଇଛନ୍ତି । ମ୍ୟାମରରେ ୨୦୨୧ରୁ ସାମରିକ ଶାସନ ଆରମ୍ଭ ହେବାପରଠାରୁ ଲୋକମାନଙ୍କର ବିପତ୍ତି ବଢ଼ିଯାଇଛି । ଏଠାରେ ଖାଦ୍ୟ ସଙ୍କଟ ମଧ୍ୟ ଦେଖାଦେଇଛି । ଏହି ସମୟରେ ପୁଣି ଭୂକମ୍ପ ଲୋକଙ୍କ ଦୁଃଖକୁ ବହୁଗୁଣିତ କରିଛି ।





# ସାହିତ୍ୟ



## ପବିତ୍ର ଚଇତ ମାସ...

ସୁନାରୀ ଫୁଲର ଅପରୂପା ରଂଗେ
ଚଇତ ମୁରୁକି ହସେ
ମୃଦୁ ମଳୟରେ ମଲ୍ଲୀର ମହକ
ଚହଟଇ ଚଉପାଶେ
ସଭିଁଙ୍କ ମନକୁ ହରେ
ଆମ୍ବ ଗଛ ଡାଳେ ରାଗିଣୀ ତୋଳଇ
କୋଇଲି ପଂଚମ ସୁରେ।
ଖରା ଚମକିଲା ତାପ ବଢିଗଲା
ବାସିଲା ପଖାଳ କଂସା
ଲେମ୍ବୁ ସରବତ ତାଜା ଘୋଳଦହି
ମେଣ୍ଟାଇଲା ମନ ତୃଷା
ମାଠିଆ ଶୀତଳ ଜଳ
ଶାନ୍ତି ଭରି ଦେଲା ସୁସ୍ୱାଦୁ କାକୁଡି
ବିଲ ତରଭୁଜ ଫଳ।
ଆଜି ପରା ପୂଣ୍ୟ ଚୈତ୍ର ନବରାତ୍ର
ପବିତ୍ର ରାମ ନବମୀ
ଶ୍ରଦ୍ଧାଳୁ ପାଳିବେ ସତ୍ୟନିଷ୍ଠ ଚିତ୍ତେ
ପ୍ରଭୁଙ୍କୁ ହୃଦେ ସୁମରି
ସଭିଏଁ ପାଳିବେ ବ୍ରତ
ଅଯୋଧ୍ୟା ନୃପତି ଶ୍ରୀ ପୁରୁଷୋତ୍ତମ
କରିବେ ଜଗତ ହିତ।
ମନ୍ଦାର ମାଳରେ ହସିବ ଘଟଗାଁ
ଲାଗିବ ଚଇତି ମେଳା
ଶକ୍ତି ସ୍ୱରୂପିଣୀ କୃପା ବରଷିବେ
ନକରିବେ ତିଳେ ହେଳା
ଆପଦ ଯିବ ଦୂରେଇ
ସତ୍ୟ ନ୍ୟାୟ ଧର୍ମ ଜାଗିବ ପରାଣେ
ହସିବ ଉତ୍କଳ ଭୂଇଁ।
ପୂଣ୍ୟ ଚଇତରେ ରାମ ପୂଜିଥିଲେ
ମାତା ବାସନ୍ତୀ ଦୁର୍ଗାଙ୍କୁ
ଧର୍ମର ବିଜୟ ପାଇଥିଲେ ସେହି
ନାଶି ପାପୀ ରାବଣକୁ
ପବିତ୍ର ଚଇତ ମାସ
ମାତା ମଂଗଳାଂକ ବ୍ରତ ଉପାସନା
ଦୂରାଏ ପରାଣୁ କ୍ଲେଶ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ପାରୁନି ତ ଲେଖି

ଲେଖି ପାରୁନି ମୁଁ ସେମିତି କବିତା
ଅଛି ନାନା କଟକଣା
କାଳେ ସତକଥା ଖୋଲି ଲେଖିଦେଲେ
ହୋଇପାରେ ମୁଣ୍ଡ ହଣା ।

ସତ୍ୟକୁ ସାମ୍ନାକୁ ଯଦି ମୁଁ ଆଣିବି
ଲେଖା ମାଧ୍ୟମରେ ପରା
ରକ୍ତାକ୍ତ ହୋଇବେ ଅନେକ ମଣିଷ
ଲାଗିଯିବ ହଣାମରା
ଧମକଚମକ ଗର୍ଜନତର୍ଜନ
ଯାହା ହେବ ମୋତେ ଜଣା ।

ଅପ୍ରିୟ ସତ୍ୟକୁ ପ୍ରକାଶ କରିବା
ଅଟଇ କବିର ଧର୍ମ
ମୁଁ କିନ୍ତୁ ପାରେନା କିଛି ବି କରେନା
ଅଟକି ଯାଏ ମୋ କର୍ମ
ଲେଖନୀ ମୋହରି ଅଟକେ ସେଇଠି
ଯହିଁ ସୀମାରେଖା ଟଣା ।

ସତ୍ୟକୁ ସାମନା କରିବା ସାହସ
ମୋ ମନରେ ଯଦି ନାହିଁ
ଧିକ ମୋର ଏହି କବି ପଣିଆକୁ
ଭେଲେକାଙ୍କ ପରି ଚାହିଁ
ଏମିତି ସେମିତି ଏଣୁତେଣୁ ଲେଖି
କେଉଁ କବିରେ ମୁଁ ଗଣା ?

କଲମର ଶକ୍ତି ଜଗତ ଜାଣିଛି
ମୁହିଁ ତ କଲମଧାରୀ
ଦୁନିଆର ନାଲି ଆଖି ପାଖରେ ମୋ
କଲମ ଯାଆଇ ହାରି
କଲମ ଚାଳନା ଦିଗହରା ହେଲେ
ସମାଜଟା ବାଟବଣା ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ସବୁଜ ବିଶ୍ୱାସ

କେତେ ଆଉ ଚାପିବ ସେ କୋହ
ଅନିଚ୍ଛାକୃତ ଭାବେ
ତୁମ ହସଧାରରେ ବି
ଆଖିକୁ ଭିଜାଇ ଖସିପଡେ
ନିଦାଘେ ବି
ଶ୍ରାବଣର ଅସରନ୍ତି ଲୁହ ।
ଅମାବାସ୍ୟାରେ ଖୋଜୁଥିଲ ପରା
ଚାନ୍ଦିନୀ ରାତି ।
ଯନ୍ତ୍ରଣା ଶବ୍ଦରେ ଭରା
ଛଳନାର ହାଡ଼ଥରା
ଶୀତୁଆ ପବନ
ଅକାରଣେ ସୁଖକୁ ଆଡ଼େଇ କହେ
କାକର ଟୋପା ପିଇ ପିଇ
ଯାଉ ତୋ ଶୋଷିଲା ପ୍ରାଣ ମେଣ୍ଟି ।
ଆଉ ତୁମ ଦେହର ଅଗଣାରେ
ମିଶିଯାଏ ଝଡ଼ାପତ୍ର ମର୍ମର
ସପନ ସବୁ ଯାଆନ୍ତି ବାଟ ଭାଙ୍ଗି
ବସନ୍ତ ବି କରେ ପରିହାସ
ଚାରିଆଡେ ଶୁଭେ
ମୃତ୍ୟୁର କରାଳ ଚିତ୍କାର ।
ତଥାପି ତୁମେ କରିଛ ପ୍ରତୀକ୍ଷା
କାଳରାତି ପାହିବାକୁ
ସୁନେଲି କିରଣେ ଭିଜିବାକୁ
ଅଟାକାଇଛ ଆଶାର ସବାରୀକୁ
ବୋହି ନେବାକୁ ତହିଁରେ
ତୁମ ଅଖଣ୍ଡ ସବୁଜ ବିଶ୍ୱାସକୁ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ପୁନଃ ମୂଷିକ ଭବଃ

ଆଜି ରବିବାର। ତମାମ ସପ୍ତାହର କାର୍ଯ୍ୟ ବ୍ୟସ୍ତତା ଭିତରେ ଏଇ ଗୋଟିଏ ଦିନକୁ କେତେ ପ୍ରତୀକ୍ଷା ମୋର..!

ସବୁଥର ଭଳି ଏ ରବିବାର ପାଇଁ କିଛି ନିଜସ୍ୱ ବାକି କାର୍ଯ୍ୟର ପରିପୂର୍ଣ୍ଣତା ପାଇଁ ମୁଁ ଉତ୍କଣ୍ଠିତ ଥିଲି। ଏମିତି କେତେ ଗୁରୁତ୍ୱ ବହନ କରୁଥିବା କାମର ଅବହେଳା ପାଇଁ ସାରା ପରିବାର ମୋ ଉପରେ ଅଶାନ୍ତି ବ୍ୟକ୍ତ କରନ୍ତି ମଝିରେ ମଝିରେ। ବିଶେଷ କରି ପିଲା ଦୁହେଁ ବେଶି ମନଉଣା କରନ୍ତି ମୋ ଉଦାସୀନତା ପାଇଁ। ହେଲେ ବାକି ଥିବା କାମ ପୁଣି ବାକି ରହିଯାଏ ତୁଚ୍ଛା ଆଶ୍ୱାସନା ଭିତରେ।

ସକାଳ ନଅଟା ହେବ ପ୍ରାୟ। କେତେଦିନ ହେବ କଥା ହୋଇନାହିଁ ବୋଲି ଭାଉଜ ଆଗରେ ଅଭିମାନ କରି କହିଥିବା ଭଉଣୀ ସହିତ ଫୋନ୍ ରେ କଥା ହେଉଥିଲି।କଲିଂବେଲ ଶବ୍ଦ ଶୁଭିଲା ତ ଆଗେଇ ଯାଇ କବାଟ ଖୋଲିଲି। ଯେଉଁ ଦୁଇଜଣଙ୍କୁ ଦେଖିଲି ତାପରେ ଆଉ କଥାବାର୍ତ୍ତା କରିବାର ମାନସିକତା ଶୂନ ହୋଇଗଲା । ଭଉଣୀକୁ ପରେ କଥାହେବି କହି ଫୋନ୍ କାଟିଲି।

ମୋଟାସୋଟା ଚେହେରା,ପାଦ ଟଳମଳ ହେଉଥିବା ଦୁଇ ଜଣ ଯୁବକ ମୋ ସାମ୍ନାରେ ଠିଆ ହୋଇଥିଲେ। ଜଣଙ୍କର ଝାମ୍ପୁରା ବାଳ, ଲାଲ୍ ଲାଲ୍ ଆଖି ତ ଆଉଜଣଙ୍କର ମୁଣ୍ଡରେ ଚାରିପଟ ଚଂଛା ହୋଇଗଲା ପରେ ମଝିରେ କେରାଏ ଗେରୁଆ ରଂଗର ବାଳ ଆଉ ଗାଲରେ କଟାଦାଗର ଚିହ୍ନ। ଦୁଇଜଣଙ୍କର ଯେଉଁ ଗୋଟିଏ କଥାରେ ସାମଞ୍ଜସ୍ୟ ଥିଲା ସେଇଟା ହେଉଛି ନିଶ ଦାଢ଼ି ଏକାକାର ହୋଇ ଛେଳି ପରି ମୁହଁ ଆଉ ଦୁହିଁଙ୍କର ଦାନ୍ତ କଳା ମାର୍ବଲ ଚିପ୍ସ ପରି ଦିଶୁଥିଲା।

-'ଆଜ୍ଞା ନମସ୍କାର, ଆପଣଙ୍କର ଚାନ୍ଦା ଟଙ୍କା ବାକି ଅଛି ।ଆମ କ୍ଲବର ଦୁଇ ଜଣ ଛୁଆ ଆସିଥିଲେ ।ଆପଣ ଦେଇ ନଥିଲେ। ଆଜି ଦିଅନ୍ତୁ।'

ସତେ ଯେମିତି ଇଲେକ୍ଟ୍ରି ବିଲ୍ ପେମେଣ୍ଟ କିମ୍ବା ହୋଲଡିଂ ଟ୍ୟାକ୍ସ ବାକିଥିବା ଲୋକକୁ ସଚେତନ କରିବାକୁ ଆସିଛନ୍ତି ସେମାନେ !

-'କେତେ ଚାନ୍ଦା ଦେବୁ ଆଉ ? ଗୋଟିଏ ଅଞ୍ଚଳରେ ଏତେ ଅନୁଷ୍ଠାନକୁ ବିଭିନ୍ନ ପ୍ରକାରର ଚାନ୍ଦା ଦେଇ ହେବ କି ?ତୁମ ମାନଙ୍କୁ ବାଣ୍ଟିବା ପାଇଁ ମୋର ଏତେ ରୋଜଗାର ନାହିଁ ।ନାଚିବ, ଗାଇବ, ହୋଲି ଖେଳିବ, କ୍ରିକେଟ ଖେଳିବ ତ ନିଜେ ପଇସା ଖର୍ଚ୍ଚ କର। କ୍ରିକେଟ୍ ଖେଳିବାକୁ କିଏ ଚାନ୍ଦା ମାଗିବାକୁ ଆସେ ?'

-'ଓଃ.. ବହୁତ କଥା କହିଗଲେଣି ଆପଣ। ଆମେ କ'ଣ ଏଠିକି ପ୍ରବଚନ ଶୁଣିବାକୁ ଆସିଛୁ ? ଥରେ ଆସି ଫେରିଥିଲୁ। ଆଜି ପୁଣି ଫେରୁଛୁ ।ଆରଥରକୁ ସାବଧାନ ରହିବେ। ଭଲରେ ନଦେଲେ ମନ୍ଦରେ ଦେବେ ।ଆଉ ଆମ ଦୋଷ ଦେବେ ନାହିଁ, ହେଲା। '

-'ଆଚ୍ଛା ହଉ ଦେଖିବା। କ'ଣ ମନ୍ଦ କରୁଛ କର। ଏଇଠି ଠିଆ ହୋଇଛି।'

ହେଲେ ମୁଁ ସେତେବେଳକୁ ଭିତରେ ଭିତରେ ଭୟରେ ଏକରକମ ଜଡସଡ ହୋଇ ସାରିଥିଲି।

-'ବାବା, ମାମା ଡାକୁଛି ଘର ଭିତରକୁ ଆସ।''ଝିଅ ଆସି ସେମାନଙ୍କ ସହିତ କଥା ନ ବଢାଇବାକୁ ମୋତେ ସୂଚିତ କରାଇଲା ବୋଲି ବୁଝି ପାରିଲି।

-'ଝିଅ ଜମା ଡରନା। ଆମେ ଏଇଠି ତୁମ ବାବାଙ୍କର କିଛି କ୍ଷତି କରିବୁ ନାହିଁ। ଆମେ କ'ଣ ବୋକା ହୋଇଛୁ ? କ୍ୟାମେରା ରେ ଆମେ ଧରା ପଡିଯିବୁ ।ହଉ ଆଜି ଯାଉଛୁ। ପୁଣି ଆସିବୁ ।ଚାନ୍ଦା ରେଡ଼ି କରି ରଖିଥିବେ। ଆମେ ହକ୍ ରସିଦ୍ କାଟି ଚାନ୍ଦା ନେବୁ।'

ସେମାନେ ଗଲାପରେ ଆମ ୱାର୍ଡର କର୍ପୋରେଟର ଙ୍କୁ ଫୋନ୍ କରି ସବୁକଥା ଜଣାଇଲି। ସେ ସବୁ ଶୁଣିଲା ପରେ 'ମୁଁ ବୁଝିବି' କହି ଫୋନ୍ କାଟିଲେ।

ପରଦିନ ଅଫିସ ଟାଇମ୍ ସରିଲା ବେଳକୁ ସାବଧାନରେ ଆସିବାକୁ ମୋତେ ଚେତାଇ ଦେଇଥିଲେ ପତ୍ନୀ ।ସନ୍ଧ୍ୟା ହେବା ଆଗରୁ କବାଟ ଝର୍କା ସବୁ ବନ୍ଦ କରି ରଖିଛନ୍ତି ବୋଲି ଫୋନରେ କହିଲେ ତ ମୋ ମନରେ ଆପେ ଶଙ୍କା ଜାଗ୍ରତ ହେଲା। ଘରେ ପହଞ୍ଚୁ ପହଞ୍ଚୁ ପୁଣି କବାଟ ବନ୍ଦ କରି ଦିଆଗଲା। ଯେମିତି ଆତଙ୍କ ସୃଷ୍ଟିଲାଗି କୌଣସି ସଂଗଠନ ଧମକ ଦେଇଥିବାର ଭୟର ବାତାବରଣ ସୃଷ୍ଟି ହୋଇଥିଲା ଘରେ ।ଗ୍ରେନେଡ କିମ୍ବା ବମ୍ ଫୋପାଡା ହେବାର ଆଶଙ୍କା ଉପୁଜୁଥିଲା ମନରେ !

ଆଉଥରେ ଫୋନ୍ କଲି କର୍ପୋରେଟରଙ୍କୁ।

-'ଆଜ୍ଞା, ମୁଁ ଅନୁସନ୍ଧାନ କରି ଜାଣିଲି ଆମ



ଦଳର କେହି ଆପଣଙ୍କ ଘରକୁ ଯାଇନାହାନ୍ତି। ଏସବୁ ବିରୋଧୀଦଳର କାମ। କ'ଣ କେତେ ମାଗୁଥିଲେ, ଦେଇ ଦେଲେନି। ସେମାନେ ଭଲ ପିଲା ନୁହଁନ୍ତି ।'

କର୍ପୋରେଟରଙ୍କ କଥାରୁ ସବୁ ବୁଝିଗଲି।' ଠାକୁର ଘରେ କିଏ' ପ୍ରଶ୍ନରେ ' ମୁଁ କଦଳୀ ଖାଇନି'ର ଉତ୍ତର ପରି କଥା।

ସେଦିନ ସନ୍ଧ୍ୟାରେ ଯୋଗକୁ କେହି ଆସିଲେ ନାହିଁ। ପରଦିନ ପୋଲିସ ଷ୍ଟେସନ ଯାଇ ଏ ବିଷୟରେ ଅବଗତ କରାଇଲି। ବିଗତ କେତେ ଦିନ ଧରି ସପରିବାର ଯେଉଁ ଅବସ୍ଥାରେ ସମୟ କାଟୁଛୁ ରୁଦ୍ଧ କଣ୍ଠରେ ବଖାଣିଲି।

ପୋଲିସ ଇନ୍ସପେକ୍ଟର ସବୁକଥା ବୁଝି ସମବେଦନା ଜଣାଇଲେ ଏବଂ ଦୁଇ ଜଣ କନଷ୍ଟେବଳ ଆମ ଘର ଜଗିବାକୁ ପଠେଇବେ ବୋଲି ପ୍ରତିଶ୍ରୁତି ଦେଲେ।

ଘରକୁ ଫେରିଲି। ଭୟର ବାତାବରଣ ତଥାପି ଖେଳୁଥିଲା ଆମ ଘର ଭିତରେ। କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାଟି ଟିକ୍ ଟିକ୍ ଶବ୍ଦ ପରିବର୍ତ୍ତେ ଯେମିତି ଢଂ ଢଂ ଶବ୍ଦ କରୁଥିଲା। ବାକି ଚାରିଆଡେ ନୀରବତାର ରାଜୁତି ଚାଲିଥିଲା।

ଆମ ଘରକୁ ଯେଉଁ ଦୁଇଜଣ କନେଷ୍ଟବଳ ଆସିଲେ, ସେମାନେ ବି ଚାନ୍ଦା ଆଦାୟ କରିବାକୁ ଆସିଥିବା ଯୁବକଙ୍କ ରୂପର ଉଣା ଅଧିକେ ସାମଞ୍ଜସ୍ୟ ଥିଲା। ଜଣଙ୍କର ଗାଲ ଉପରେ ବଙ୍କି ଯାଇଥିବା ନିଶ ତ ଆର ଜଣଙ୍କର ପେଟ ଟି କିମ୍ଭୁତ କିମ୍ଭାକାର ରୂପ ଧାରଣା କରିଥିଲା। ଲାଗୁଥିଲା ଯେମିତି ବସିଲା ଜାଗାରୁ ଉଠିବାକୁ ଲାଗିବ ପାଞ୍ଚମିନିଟ ସମୟ। ତାଛଡା ଦୁହିଁଙ୍କ ପାଟିରୁ ପାନ ଛେପ ଉତୁରି ପଡୁଥିଲା ଥରକୁ ଥର।

କନଷ୍ଟେବଳ ଦୁଇ ଜଣଙ୍କୁ ଦେଖି ପଡୋଶୀ ମାନେ କୌତୁହଳ ବଶତଃ ଆମ ଘର ଆଡକୁ ଚାହିଁବାରେ ଲାଗିଲେ ଏବଂ ମନରେ ଉପୁଜୁଥିବା ସଂଶୟ କୁ ଦୂର କରିବାକୁ ମନେ ମନେ ନିଶ୍ଚୟ ଚେଷ୍ଟିତ ଥିଲେ। ସେମାନଙ୍କ ଠାଣିମାଣିରୁ ସେମିତି ପ୍ରତୀତ ହେଉଥିଲା।

ଦୁଇ ତିନି ଦିନ ଆମ ପାଖରେ ରହିବା ଭିତରେ ସେମାନେ ଆମ ପରିବାରର ସଦସ୍ୟ ଭଳି ହେବାକୁ ଚେଷ୍ଟାକଲେ। ପ୍ରଥମେ ସେମାନଙ୍କୁ ଚା ବିସ୍କୁଟ ଯଚା ଯାଉଥିବା ବେଳେ, କ୍ରମେ ସେମାନେ ଥରକୁ ଥର ଚା' ପାଇଁ ବରାଦ କରିବାକୁ ଲାଗିଲେ। ଏମିତିକି ପତ୍ନୀ ଙ୍କ ଜରିଆରେ ଅଫିସରୁ ଫେରିଲା ବେଳକୁ ସେମାନଙ୍କ ପାଇଁ ପାନ ଭାଙ୍ଗି ଆଣିବାକୁ ବରାଦ କଲେ।

ଦିନେ ଆମର ଅନୁମତି ନନେଇ ଜଣେ ଆମ ଘର ଭିତର ଟଏଲେଟ ବ୍ୟବହାର କଲେ ଏବଂ ବେସିନରେ ପାନ ଛେପ ପକେଇ ପରିଷ୍କାର ନକରି ଚାଲିଗଲେ ।ଉପରନ୍ତୁ ବ୍ରେଡ ଆମଲେଟ୍ ବ୍ରେକ ଫାଷ୍ଟ ବରାଦ କଲେ। ଆଇଁଷ ଛୁଉଁ ନଥିବା ପତ୍ନୀ ଏଥିରେ ନାରାଜ ହେବା ସ୍ୱାଭାବିକ।

ଦିନେ ଅଫିସରୁ ଫେରିଲା ବେଳକୁ ସେମାନଙ୍କ ହାତରେ ମଦ ବୋତଲ ଟିଏ ଆବିଷ୍କାର କଲି। ମୋ ଉପରେ ନଜର ପଡିଲା କ୍ଷଣି ଜଣେ କହିଲା -' ସାଁ, ଯଦି ମନେ ନକରିବେ ଆମକୁ କିଛି ବରଫ ଖଣ୍ଡ ଦେବେ ? କେତେଦିନ ହେଲା ଏଇଠି ର ?ହି ପାଟିରେ ଟିକେ ଏ ବାଜି ନଥିଲା ।ହି ହି ହିଁ...!' ଦୁହିଁଙ୍କର ବିକୃତ ହସକୁ ନଜର ଅନ୍ଦାଜ କରି ଅଗତ୍ୟା ସେମାନଙ୍କର ଚାହିଦା ପୂରଣ କଲି।

ପରଦିନ ଅଫିସ ବାହାରିଲା ବେଳକୁ ମୋ ହାତରେ କାଗଜ ଟୁକୁଡା ଧରେଇ ଦେଇ ଜଣେ କହିଲା -' ସାଁ, ଆମେ ଅଛୁ । ଆପଣ ନିଶ୍ଚିନ୍ତ ହୋଇ ଅଫିସ ଯାଆନ୍ତୁ। କିଏ ସେ ଆସିବ ଦେଖିବା ? ଶଃ.. କଣ ଭାବିଲେ କି ? ସାରଙ୍କ ଭଳି ଲୋକଙ୍କୁ ହଇରାଣ କରିବେ ?'

କାଗଜ ଖଣ୍ଡଟିରେ ଯେଉଁ ବ୍ରାଣ୍ଡ ମଦର ହୁକୁମ ଆସିଥିଲା, ତା'ର ଦାମ୍ ପ୍ରାୟ ପନ୍ଦର ଶହ ପାଖାପାଖି ବୋଲି ଜାଣିଲି। ଫେରି ଆସିଲି ମଦ ଦୋକାନ ପାଖରୁ ଏବଂ ସିଧା ଯାଇଁ ପହଞ୍ଚିଲି ପୋଲିସ ଷ୍ଟେସନରେ ।

ଘର ପାଇଁ ଆବଶ୍ୟକୀୟ ଜିନିଷ ମାତ୍ର କିଣାକିଣି କରିସାରି ଘଣ୍ଟାଏ ପରେ ଘରକୁ ଫେରିଲି ତ ଜାଣିଲି ସେମାନେ ଦୁଇ ଜଣ ଫେରି ଯାଇଛନ୍ତି। ଆଶ୍ୱସ୍ତ ହେଲି।

ସେଇଦିନ ରାତି ଆଠଟା ବେଳକୁ ଚାନ୍ଦା ଆଦାୟ କରିବାକୁ ଆସି ପହଞ୍ଚିଗଲେ ପୂର୍ବୋକ୍ତ ଚାନ୍ଦା ଆଦାୟକାରୀ ଦୁଇ ଜଣ। ମୁଁ ଇତି ମଧ୍ୟରେ ଗୋଟାଏ ଚଣ୍ଡାଶୋକରୁ ନମ୍ରାଶୋକରେ ପରିଣତ ହୋଇ ସାରିଥିଲି।

ପ୍ରସ୍ତୁତ ରହିଥିବା ପୂର୍ବକ ପାଞ୍ଚ ଶହ ଟଙ୍କାର ନୋଟ ଟିଏ ସେମାନଙ୍କ ହାତରେ ଦେଇ ରସିଦ୍ ଦରକାର ନାହିଁ ବୋଲି ହସି ହସି କହିଲି । ଚାନ୍ଦା ଦେଇଛି ବୋଲି କାହାକୁ ନକହିବାକୁ ମଧ୍ୟ ଅନୁରୋଧ କଲି ସେମାନଙ୍କୁ।

ବିଚକ୍ଷଣ ହସ ଖିଏ ମୁହଁରେ ଫୁଟାଇ କୃତ୍ୟ କୃତ୍ୟ ହେଲା ଭଳି ' ଆଜ୍ଞା ନମସ୍କାର' କହି ଫେରିଗଲେ ସେମାନେ ଗଡ଼ ଜିତିଲା ଦର୍ପରେ.... !

ସେମାନଙ୍କ ହସ ଆମ ଘରେ ଭୟଶୂନ୍ୟ ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥିଲା... !!!

*ସୁଦର୍ଶନ ମହାପାତ୍ର*
*କୁଞ୍ଜବିହାରୀ ଲେନ, କଟକ*

## ନିଶବ୍ଦ ନୂପୁର

ଏବେ ମୁଁ ଫେରିଛି ଦୂର ବିଦେଶରୁ
ତୁମ ମୁହଁଯାଏ ଦିଶି
ସତେକି ଆକାଶେ ପୁନେଇଁରାତିରେ
ଉଇଁଚି ସରଗଶଶୀ ।।

ମାଗୁଚି ତୁମର ପ୍ରୀତିର ପରଶ
ହଜିଲା ଦିନର ସ୍ମୃତି
ସେଦିନ ପରିକା ଆଜିବି ଫୁଲରେ
ବସିଛି ପରଜାପତି ।।

ଆଜିବି ଫୁଲର କୋଳରେ ଗାଉଛି
ଭଅଁର ନିଛନ୍ଦେ ଗୀତ
ଆସିଛି ବସନ୍ତ ଦୁନିଆ ଛାତିରୁ
ମେଲାଣି ନେଇଛି ଶୀତ ।।

ଫୁଲର ମହକ ବାଣ୍ଟୁଛି ପୁଲକ
ଛୁଇଁ ଛୁଇଁ ତନୁମନ
ହଜିଯାଏ ସଖୀ ରଖିଥିଲା ଆଖି
ସାଇତା ସପନ ଧନ ।।

କୃଷ୍ଣଚୁଡ଼ାର ରଙ୍ଗ ତୁମ ଓଠେ
ବିଧାତା ଦେଇଛି ମାଖି
ବିଜନ ବେଳାରେ ତୁମର ଠିକଣା
ଖୋଜୁଛି କେତେ ମୁଁ ସଖୀ ।।

ମନତ ଦେଇଛ ସାଥୀ ଟିଏ ମୋର
ହେବାକୁ ଦେଇଛ କଥା



ତୁମକୁ ନପାଇ ଆଗୋ ଲାସ୍ୟମୟୀ
ପାଉଛି ବିଚ୍ଛେଦ ବ୍ୟଥା ।।

ତୁମରି ଚାହାଣୀ ମୋ ପ୍ରେମ କାହାଣୀ
ସାଜେତ ଅତୀତ ସ୍ମୃତି
ନିଶବ୍ଦନୂପୁର ବାଜୁନାହିଁ ଆଉ
ହେବକି ସମ୍ପର୍କ ଇତି ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ପସନ୍ଦ

ବିବାହର ଦଶ ବର୍ଷ ବିତିଗଲା ପରେ ବି ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯେ କୌଣସି କଥାକୁ ନେଇ ମନାନ୍ତର ସୃଷ୍ଟି ହେବା ଗୋଟେ ନିତିଦିନିଆ ଘଟଣା କହିଲେ ଚଳେ । ପ୍ରତି କଥା ପଦରେ ଧର୍ମପତ୍ନୀ ତାଙ୍କ ସ୍ୱାମୀଙ୍କୁ ତାଗିଦ୍ କରି ଯଦି ଇଛା କରିବି ସବୁ ସମ୍ପର୍କ ତୁଟାଇ ଦେଇ ଅନ୍ୟ ଜାଗାକୁ ବାଛି ନେବି କହିଥିଲେ । ଧର୍ମପତ୍ନୀ ହିସାବରେ କେବେ ପସନ୍ଦ କରିବା ପାଇଁ କୌଣସି ଆଖି ଦୃଶିଆ ଗୁଣାବଳି ଦେଖିବାକୁ ପାଇ ପାରିଲି ନାହିଁ ବୋଲି କପାଳକୁ ନିନ୍ଦା କରୁଥିଲେ ।

ସ୍ୱାମୀ ଜଣଙ୍କର ଅବଶ୍ୟ ଏତେ ଭୁଲ୍ ନ ଥିଲେ ବି ଅନ୍ୟ ପୁରୁଷ ମାନଙ୍କ ଭଳି ତାଙ୍କୁ ହେବା ପାଇଁ ଧର୍ମପତ୍ନୀ ବାଧ କରୁଥିଲେ । ସେ ସବୁଦିନ ରାଗ ସହି ନ ପାରି ବଡ଼ ପାଟିରେ ଚିତ୍କାର କରି କହିଲେ ତୁମେ ମୋତେ ପସନ୍ଦ କରି ନ ପାର ହେଲେ ମୁଁ ତୁମର ପସନ୍ଦ ଆଉ ଅପସନ୍ଦକୁ ବିବାହ ପୂର୍ବରୁ ସବୁ ଜାଣି ସାରିଲା ପରେ ମଧ୍ୟ ସମାଜର ଆଖି ଆଗରେ ନିନ୍ଦା ଅପମାନ ସହି ନୀଳକଣ୍ଠ ସାଜି ତୁମ କୁଆଁରୀ ଜୀବନର ଘଟଣା ଦୁର୍ଘଟଣାକୁ ବିଷ ଗୁଡାକ ପିଇ ଆଜି ଯାଏ ଖାଲି ଅନ୍ୟ ମାନଙ୍କ ଆଗରେ ମୁଣ୍ଡ ତଳକୁ କରି ବଞ୍ଚି ଚାଲିଛି ।

ଏ କଥା ଶୁଣିବା ପରେ ଧର୍ମପତ୍ନୀ ଜଣଙ୍କ ମୁହଁରେ ଭାଷା ଫୁଟି ବାହାରିବା ଲାଗି ଲାଜ୍ୟା ବୋଧ ମନେ କରୁଥିଲା । ଜୀବନରେ ମଣିଷ ନିଜେ ସ୍ୱାଭିମାନର ସହିତ ବଞ୍ଚିବାର ଅଧିକାରକୁ କଳଙ୍କିତ କରି ଭୁଲ୍ ର ପ୍ରାୟଶ୍ଚିତ କରି ସୁଖ ଦୁଃଖରେ ହାତ ବଢ଼ାଇ ଆଗକୁ ବଢ଼ିବାରେ ସହଯୋଗ କରିଥିବା



ଲୋକଟିକୁ ଆପଣାର ଭାବି ନେବାରେ କରିଥିବା ପାପର ପୁଣ୍ୟ ଲୁଚି ରହିଛି କେଜାଣି କାହିଁକି ମୋଟେ ଭାବି ପାରୁ ନ ଥିଲା ।।

*ସତ୍ୟନାରାୟଣ ପ୍ରଧାନ*
*ସା /ପୋ - ଅଣ୍ଡିଆ*
*ଭାୟା/ ଥାନା - ଜେନାପୁର*
*ଜିଲ୍ଲା - ଯାଜପୁର, ପିନ୍ -୭୫୫୦୨୩*
*ମୋ -୯୧୭୮୩୧୩୬୪୪*

## ଓଡ଼ିଆରେ ମୁଁ ଓଡ଼ିଆ

ଓଡ଼ିଆରେ ମୁଁ ଓଡ଼ିଆ
କୁହ ହିନ୍ଦୀ ଅବା ବିଦେଶୀ ଭାଷା
ମୋ ମାତୃଭାଷା ବଡିଆ
ପଢ଼ିବି ଲେଖିବି କହିବି ତାହାକୁ
ଗୋଲ ଅକ୍ଷର ବଡିଆ
ଓଡ଼ିଆରେ ମୁଁ ଓଡ଼ିଆ। ୦।
ମୋ ଜାତିରେ ଅଛି କେତେ ଜାନି ଯାତ
କୋଉଠି ଦେଖେନି ମୁହିଁ
ମୋ ଜଗା କାଳିଆ ପାଇଁ ଦେଶେ ଦେଶେ
ସବୁଠି ଆଦର ପାଇ
ଭାରି ସାହସୀ ପାଇକ ଜାତି ମୋ
ଥିଲେ ପରା ବଡ଼ ଲଢୁଆ
ଓଡ଼ିଆରେ ମୁଁ ଓଡ଼ିଆ । ୧।
ସତନ୍ତ୍ର ପ୍ରଦେଶ ଭାଷା ଭିତ୍ତିକରେ
ପାଇଛି ଅପ୍ରେଲ ମାସରେ
ମହା ବିଷୁବ ବୈଶାଖେ ପାଳଇ
ଅସ୍ମିତା ଓଡ଼ିଆ ପକ୍ଷରେ
ସ୍ମରଣ କରିବା ପୂର୍ବ ସୁରୀଙ୍କୁ
କେ ନୁହେଁ ତାଙ୍କ ଭଳିଆ
ଓଡ଼ିଆରେ ମୁଁ ଓଡ଼ିଆ। ୨।
ମୋ ସ୍ୱାଭିମାନ ମୋ ସଂସ୍କୃତି
ଭାଇଚାରା କଥା କହେ
ଯେତେ ଭେଦ ଭାବ ଥିଲେ ବି ମନରେ
ମେଣ୍ଢା ପରି ଲଢୁଥାଏ
ସେହି ତ ତଡିଛି ଫିରିଙ୍ଗି ସେନାଙ୍କୁ
ଜାତିକୁ କରି ବଳୁଆ
ଓଡ଼ିଆରେ ମୁଁ ଓଡ଼ିଆ। ୩।
ଓଡ଼ିଆ ପକ୍ଷ ପାଳିବା ଆମେ
ତାଙ୍କରି ଉଦ୍ଦେଶ୍ୟରେ
ମା ମାଟି ପାଇଁ କରିଯିବା କାମ
ସଂକଳ୍ପ ରଖି ମନରେ
ଉଠରେ ଉଠରେ ଓଡ଼ିଆ ଜାତି
ସୁରକ୍ଷା କରିବା ମାଟି ମାଆ
ଓଡ଼ିଆରେ ମୁଁ ଓଡ଼ିଆ। ୪।

*ଜୟଶ୍ରୀ ପଟ୍ଟନାୟକ*
*ଗଙ୍ଗନଗର ଛକ, ଭୁବନେଶ୍ୱର -୭*
*ମୋ -୭୯୭୮୧୧୦୪୭୪*

## ସତ କହ କାହ୍ନୁ ...

କାହ୍ନୁ ରେ
ତୋତେ କେତେ ବୁଝାଇଲି
ମାମୁଙ୍କ ସହ ଥଟ୍ଟା ଖେଳନ୍ତିନି
ମାଇଁ ଙ୍କ ପଣତ ଟାଣି
ଅଝଟ ବି ଜମା କରନ୍ତିନି
ହେଲେ ତୁ କ'ଣ ବୁଝିଲା ପିଲା କି ?

ସେମାନେ ବି ବୁଝନ୍ତିନି କିଛି
ତେଣୁ ତ ଅପବାଦର ନାଗରା ବାଜିଲା
ଇହଲୋକେ କଥା ଗଲା ଫିଟି

କିଏ ମୋତେ କେମିତି ବୁଝିବ
କାହାକୁ ମୁଁ ବୁଝାଇବି କେତେ
କାହିଁକି ମୁଁ ଚାଲିଗଲି ଅଧରାତିଟାରେ
ଫଣ ଫଣ ମୁହଁ ନେଇ
ଫେରିଲି ମୁଁ ପୁଣି
ପାହାନ୍ତି ପ୍ରହରେ ... ?

ସତ କହ କାହ୍ନୁ
ପବନ ତୋ ବଂଶୀ ସ୍ୱର କାହିଁକି ଚୋରାଏ
ନିଶୂନ ରାତିରେ...!
ସେ ସ୍ୱର କୁ ବିଞ୍ଚି ଦିଏ ଆଣି
ଯମୁନା କୁଳରେ,
କଦମ୍ବର ପତ୍ର ଗହଳରେ
ମୋର ହୃଦ ଅଗଣାରେ

ସେ ସ୍ୱର କୁ ଶୁଣିବା ଯେ ମନା
ଯେଉଁ ସ୍ୱର ଅହରହ କରେ
ମୋତେ ଆନମନା
ଗୋପଦାଣ୍ଡେ ଟୁପୁରୁ ଟାପର ,
କାହ୍ନୁ ରେ, କହିବୁ କି ସତ
ତୋ ବଂଶୀ ର ସପ୍ତମ ରନ୍ଧ୍ରରେ
କାହିଁକି ଯେ ସୃଷ୍ଟି ହୁଏ
ରାଧା... ରାଧା.. ସ୍ୱର... ? ? ?

*ରତ୍ନକାନ୍ତି ମିଶ୍ର*
*ଆଳି, କେନ୍ଦ୍ରାପଡା*

## ଆରମ୍ଭ

ଖୁସି ଖୁସିରେ ଗାଁ ଛାଡି ନିରଞ୍ଜନ ସଙ୍ଗେ ଟ୍ରେନରେ ଆସିଲା ବେଳେ କୁମି କେବେ ଭାବିନଥିଲା ତାର ପୁଣି ସେଇ ଗାଁ କଥା ମନେପଡିବ। କାରଣ ତାକୁ ଖୁବ ଭୋକ ହେଉଥିଲା। ଏତେବେଳକୁ ଗାଁରେ ବୋଉ ତାକୁ ଖାଇବା ପାଇଁ ଖୁସାମତ କରୁ କରୁ ପଖାଳ ସାଙ୍ଗକୁ କେତେ କଣ ସଜାଡି ସାରାନ୍ତାଣି। ଏଠିକୁ କାଲି ରାତିରୁ ଆସି ଶୁଖିଲା ପାଉଁରୁଟି ଖଣ୍ଡେ ଖାଇ ଏତେବେଳକୁ ତା ପେଟରେ ମୂଷା ଦଉଡିଲାଣି। ହୋଲି ବୋଲି ସକାଳୁ ସକାଳୁ ନିରଞ୍ଜନ ସାଙ୍ଗମାନଙ୍କ ସଙ୍ଗେ କୁଆଡେ ଯାଇଛି ଯେ ଯାଇଛି। ଗଲାବେଳେ ଅଟା ଓ ଆଳୁ ଦିଟା ଥୋଇଦେଇ ଯାଇଛି ଓ କହିଛି କରିକି ଖାଇକି ତା ପାଇଁ ରଖିବାକୁ। ଦୁଇଟା ବାଜିବା ଉପରେ ହେଲାଣି, ନିରଞ୍ଜନର ଦେଖା ନାହିଁ ଏଯାଏଁ। ଚୁଲି ଜାଳି ରୁଟି ଆଳୁ ଭଜା କରି ତାର ବୋଉ କଥା ମନେପଡୁଛି। ପ୍ରତିବର୍ଷ ହୋଲିରେ ରଙ୍ଗ ବୋଲି ହୋଇ ସାଙ୍ଗମାନଙ୍କ ସଙ୍ଗେ ଆମ୍ବ ତୋଟାରେ ଆମ୍ବ ସାଙ୍ଗରେ ଲୁଣ ଲଙ୍କା ଓ ଜିରାଗୁଣ୍ଡ ମିଶାଇ ଖାଇ କୋଇଲିର ବୋଲି ଶୁଣୁ ଶୁଣୁ ବୋଉ ପହଁଞ୍ଚି ଯାଏ ଓ କହେ ପେଟ ଖରାପ ହେବ ବୋଲି ଜାଣିନୁ କି ଆ ଘରକୁ ଆ ଶୀଘ୍ର ଖାଇବୁ ଆ। ସାଙ୍ଗମାନେ ଆଜି ଖୋଜୁଥିବେ ତାକୁ ଆଉ ବୋଉ ପାଟିରେ ଭାଷା ନଥିବ କହିବାକୁ କିଛି ଆଉ ଯଦି କହିଥିବ ତ କହିଥିବ ଆଉ କେତେ ଗେଲବସର କାରିଥିଲେ କୁମି ବୁଝିଥାଆନ୍ତା କେଜାଣି ଘରୁ ଗୋଡ଼ କାଢିବା ଫଳ କହି କାନ୍ଦିଥିବ ମୋ ବୋଉ କେତେ। ସତରେ କୁମିକୁ ଖୁସିରେ ରଖିବାକୁ ବୋଉ କଣ ନକରିଛି ଯେ। ସେକଥା ତାର ଏବେ ମନେପଡୁଛି। ରୁଟି ସେକି ହାତର କାଣିଆଙ୍ଗୁଠି ପୋଡ଼ିଯାଇଥିବା ଦେଖି ବୋଉ ତାର କେତେ ବ୍ୟସ୍ତ ହୋଇପଡନ୍ତାଣି। ଘରୋଇ ଉପଚାରଠୁ ଆରମ୍ଭ କରି ଗାଁ ମୁଣ୍ଡ ଦୋକାନୀକୁ ପଚାରି କେତେ ଔଷଧ କିଣି ଆଣନ୍ତାଣି। ଆଜି ହୋଲି ପରି ସେବର୍ଷ ବି ହୋଲି ଆସିଥିଲା ଗାଁକୁ। ଗାଁରେ ଡ୍ରାମା ହେଉଥିଲା ଯୋଉଥିରେ ନିରଞ୍ଜନ ହିରୋ ଥିଲା। ରାତିରେ ଡ୍ରାମା ଦେଖୁଥିଲା ବେଳେ ନିରଞ୍ଜନର ବେଶଭୁଷା ସାଙ୍ଗକୁ ତା ପ୍ରେମିକ ସଂଳାପ ସବୁ ଛାତି ଚିରି ପକାଉଥିଲା କୁମିର। ବାବୁଲା ବିପକ୍ଷରେ ଥିବା ହିରୋଇନ ଯଦି ପୁଅ ହୋଇନଥାନ୍ତା ତେବେ ସେଦିନ ସହି ପାରିନଥାନ୍ତା କୁମି। ସେଇଦିନର ଚାରିଚକ୍ଷୁ ମିଳନ ତାର ମନରେ କି ଅଦ୍ଭୁତ କିମିଆ କଲା କେଜାଣି ନିରଞ୍ଜନ ଛଡା ଆଉ କେହି ତାକୁ ଦେଖାଗଲେ ନାହିଁ ।ସେ ଭୁଲିଗଲା ବାପାଙ୍କ ଆଭିଜାତ୍ୟ, ଭୁଲିଗଲା ବୋଉର ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା, ଭୁଲିଗଲା ସାମାଜିକ ବାଧା ବନ୍ଧନ।



ଏବେ ନେଡିଗୁଡ଼ କହୁଣୀକୁ ବୋହି ଯିବା ପରେ ଭାବିବାର ମାନେ କଣ।

ବାବୁଲା ଫେରିଲା ହେଲେ ଯୋଉ ରଙ୍ଗୀନ ବେଶ ହୋଇଥିଲା ସବୁ ସାଙ୍ଗମାନେ ହୋଲି ରଙ୍ଗ ହୋଇ ଏକାପରି ଦେଖାଯାଉଥିଲେ ତ ତାଙ୍କ ଭିତରୁ କେହି ଜଣେ କହିଲା ନୂଆ ଭାଉଜ ତୁମ ଭଲ ପାଇବା ପରୀକ୍ଷା କରି ଦେଖି ଭାଇଙ୍କୁ ଚିହ୍ନି ନେଇଗଲ ଆମ ଭିତରୁ ତ ରାଗ ଦୁଃଖ ଓ ଅପମାନରେ ମାମି କହୁଥିଲା ମୁଁ ସତୀ ଅନସୂୟା ନୁହେଁ କି ସତୀ ସାବିତ୍ରୀ, ପାର୍ବତୀ ଅବା ମାଆ ଲକ୍ଷ୍ମୀ ବି ନୁହେଁ। ମୁଁ ସାଧାରଣ ଗାଁ ଝିଅଟିଏ ଯିଏ ପ୍ରେମ ପାଗଳି ହୋଇ ପଥ ହୁଡ଼ିଛି। ବାବୁଲା କିଛି ବୁଝିଲାନାହିଁ ବରଂ ସାଙ୍ଗମାନଙ୍କୁ ଅପମାନ ଦେଉଛୁ କହି ପରସ୍ତେ ପିଟିଥିଲା କୁମିକୁ କୁମି ଏଭିତରେ ବାବୁଲାର ଅସଲ ଉଦେଶ୍ୟ ବିଷୟରେ ଜାଣିପାରିଥିଲା। ତା ଧନୀଘର ସାଙ୍ଗ ମାନଙ୍କ ସହିତ ନମିଶିଲେ ଏମିତି ଭୋକରେ ରହିବାକୁ ପଡିବ ବୋଲି ମୁହେଁ ମୁହେଁ ଶୁଣେଇ ଦେଇଥିଲା ନିରଞ୍ଜନ କୁମିକୁ ।ଭୋକ କି ଜାଣେ ମାନ ମହତ। ଏଣେ ପ୍ରତିଦିନ ରାତିରେ ମଦ ନିଶାରେ ଘରକୁ ଫେରି ନିରଞ୍ଜନ ନିଧୂମ ପିଟୁଥିଲା କୁମିକୁ। ଶେଷରେ ବରଷକେ ପରେ ହୋଲି ଦିନ ହିଁ ନିରଞ୍ଜନର ଖଣ୍ଡ ବିଖଣ୍ଡିତ ଶରୀରଟି ପଡିଥିଲା ଘର ଆଗରେ। କିଛି କାରଣ ନଥାଇ ମଧ୍ୟ ବିନା ପ୍ରମାଣରେ କୁମି ବନ୍ଧା ହୋଇ ହାଜତରେ ରହିଲା। ତା ପାଖରେ କିଛି ଠୋସ ପ୍ରମାଣ ନଥିଲା ନିରଞ୍ଜନର ସାଙ୍ଗମାନଙ୍କ କୁକାର୍ଯ୍ୟ ବିଷୟରେ ବରଂ ଭଲରେ ଗଣ୍ଡେ ଖାଇବାକୁ ତ ମିଳିଯାଉଛି ଭାବି କୁମି ଆଖିରୁ ଲୁହ ଗଡ଼ାଇ ଚାଲିଥିଲା।

ଏତିକି ବେଳେ ତାକୁ ବେଲ ମିଳିଯାଇଛି ତାର ମୁକ୍ତି ପାଇଁ ତାକୁ ହାଜତରୁ ବାହାରକୁ ଯିବାକୁ କୁହାଯିବାରୁ ସେ ଭାଂଗିପଡ଼ିଲା କିନ୍ତୁ ତା ଆଖି ଆଗରେ ବାପା ମାଆ, ଭାଇ ଭାଉଜ ଓ ସାନ ଭାଇ ଭଉଣୀଙ୍କୁ ଦେଖି ସେ ଆତ୍ମଗ୍ଲାନିରେ କାନ୍ଦୁଥିଲା। ଭାଉଜ କହୁଥିଲେ ଆମେ ସବୁ ତୁମ ପଛରେ ଅଛୁ କୁମି, ବ୍ୟସ୍ତ ହୁଅନାହିଁ। ପୁଣି ନୂଆକରି ଜୀବନ ଜିଇଁବାକୁ ପ୍ରସ୍ତୁତ ହୋଇ ରୁହ। କୁମି ପାଟିରୁ ବାହାରିଥିଲା କେମିତି ଭାଉଜ ତ ବୋଉ ତାଙ୍କ ପଣତରେ ଅଶ୍ରୁ ପୋଛି ଦେଇ କହୁଥିଲା ସବୁ ଭୁଲିଯା ଝିଅ। ଆମେ ଅଛୁନା। ଭାଇ ଓ ବାପା ପାଖକୁ ଲାଗି ଆସି କହୁଥିଲେ ମୋ ଓକିଲାତି ଉପରେ ଭରସା ରଖି କୁମି ସେ ନିରଞ୍ଜନର ସବୁ ସାଙ୍ଗ ଧରା ହେବେ ତ ହେବେ ପୁଣି ସତ ମାନିବେ ଯେ ତୋର, ନିରଞ୍ଜନ ସହିତ କେବେବି କୌଣସି ସମ୍ପର୍କ ନଥିଲା। ମନ ଦୃଢ଼ କର। ସାନ ଭାଇ ଭଉଣୀଙ୍କୁ ମୋ ପରି ଭୁଲ ବାଟରେ କେବେ ଯିବନି ପରିବାର ଛାଡି କହି କୁମି ଆଗେଇଯାଉଥିଲା ନୂତନ ସୂର୍ଯୋଦୟ ସନ୍ଧାନରେ ଆଗକୁ ଆଗକୁ ।

*ସୁନନ୍ଦା ମହାନ୍ତି*
*ସାକ୍ଷୀଗୋପାଳ*
*ପୁରୀ, ୯୦୪୦୯୭୭୩୨୭*

## ଚିନ୍ତନ

ସୂର୍ଯ୍ୟ ଚନ୍ଦ୍ର ପୃଥିବୀ
ଈଶ୍ୱରଙ୍କ ଇଛାରେ,
ଦିବସ ବା ରଜନୀ
ଆତଯାତ ବିଶ୍ୱରେ ।।
ଆତ୍ମାମୟ ଜୀବନ
ଘୁରେ ଚକ୍ର ଆକାରେ,
ବିଦ୍ୟମାନ ସର୍ବତ୍ର
ସୂକ୍ଷ୍ମରେ ବା ସ୍ଥୁଳରେ ।।
ମିଛ ମାୟା ସଂସାରେ
ସମୟଟା ବିତୁଛି,
ଯୁକ୍ତ ବା ବିଯୁକ୍ତର
ଖେଳ ଏଠି ଚାଲିଛି ।।
ଢାଳି ଭକ୍ତି ନୈବେଦ୍ୟ
ଲଭ ଈଶ ଆଶିଷ ,
ଆସୁ ଯେତେ ପ୍ରମାଦ
ରଖ ନିଷ୍ଠା ବିଶ୍ୱାସ।।
ସତ୍ୟ ପଥ ଶାଶ୍ୱତ
ସତ କର୍ମ ସମ୍ମାର୍ଗ,
ଭଲ ମନ୍ଦ ବିଚାର
ପରଖଇ ଆତ୍ମଜ୍ଞ ।।

*ଆଦ୍ୟାଶା ମହାପାତ୍ର*
*ନୂଆପଡା, କଟକ*
*୯୪୩୮୨୭୫୫୪୨*

ମାତୃଭାଷା





# ଧର୍ମର ବିଗ୍ରହ ଶ୍ରୀରାମ

**ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା । ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାରଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା । ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ । ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ । ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା । ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା । ସନ୍ଥ କବୀର କହିଛନ୍ତି - 'କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢେ଼ ବନ ମାହି । ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ ।' ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ । ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ । ପବିତ୍ର ବାଇବେଲରେ ମଧ୍ୟ କୁହାଯାଇଛି - ନିଜ ଭିତରକୁ ଦେଖ ନିଜକୁ ଜାଣ ।**

ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି 'କବନ ସୋ କାଜ କଠିନ ଜ୍ ମାହିଁ । ଜୋ ନାହିଁ ହୋଇ ତାତ ତୁମହ ପାହିଁ ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ । ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି । ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି । ଆମ ଭିତରେ ମଧ୍ୟ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି । ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡୁଛୁ । ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ । ନିରାଶା ଆମକୁ ଚାରିଦିଗରୁ ଘେରିଯାଏ । ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ । ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ । ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା । ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବ ଭଳି ବିଶାଳକାୟ ହୋଇଯାଇଥିଲା । ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ୍ୟ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ୍ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ ।

ଆତ୍ମା ହିଁ ପରମାତ୍ମା । ସୋଽହମ । ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି । ଯାହାର ଅର୍ଥ ମୁଁ ହିଁ ସେହି । 'ମୁଁ' ହିଁ ଭଗବାନ । ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ । ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ । ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି । ଶ୍ରୀରାମ ମଧ୍ୟ ଏପରି ଲୋକର ସହାୟତା କରିଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ୍ୟ ବ୍ୟତିବ୍ୟସ୍ତ ହୁଏନାହିଁ । ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ । ସେଥିପାଇଁ ରାମଚରିତ ମାନସରେ କୁହାଯାଇଛି - 'ରାଜୀବ ନୟନ ଧରେଁ ଧନୁ ସାୟକ । ଭଗତ ବିପତି ଭଞ୍ଜନ ସୁଖଦାୟକ' । ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ । ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ । ଆମ ଭିତରେ ଅପାର ଶକ୍ତି ରହିଛି । ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା । ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାରଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା । ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ । ସେ ନିଜ



ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ । ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା । ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା । ସନ୍ଥ କବୀର କହିଛନ୍ତି - 'କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢେ଼ ବନ ମାହି । ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ ।' ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ । ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ । ପବିତ୍ର ବାଇବେଲରେ ମଧ୍ୟ କୁହାଯାଇଛି - ନିଜ ଭିତରକୁ ଦେଖ ନିଜକୁ ଜାଣ ।

ଶ୍ରୀରାମ ଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି - 'ଜାନତ ତୁମହିଁ ତୁମହିଁ ହୋଇ ଜାଇ' । ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି । ଆମ ଭିତରେ ଅସୀମ ଶକ୍ତି ରହିଛି । ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବା ଅତ୍ୟନ୍ତ ଜରୁରୀ । ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟ କରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ । ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ-ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ୍ୟ ନିଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ । ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ । ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ । ଯଦି ଆମେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି । ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ, ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ । ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି । ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ୍ୟ ଦୁର୍ବଳ ହୋଇଯାଏ । ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ୍ୟ ସକ୍ରିୟ ହୋଇଯାଏ । ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ । ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ । ଶ୍ରୀରାମ ମଧ୍ୟ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ । ଗରିବ, ଦୁଃଖି, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ । ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ୍ୟ ସେ ସଂଯମ ବଜାୟ ରଖିଥିଲେ । ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ୍ୟ ଆବଶ୍ୟକତା ରହିଛି । ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ । ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ ଅଛୁଆଁ, ଧନୀ ଗରିବ, ଉଚ୍ଚନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା । ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି - ରାମୋ ବିଗ୍ରହବାନ ଧର୍ମଃ । ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି - 'ରାମଃ ଦ୍ୱିର୍ନ ଭୋ' - ରାମ ଦୁଇ ଥର କୁହନ୍ତି ନାହିଁ । ଆଚରଣ କଥା କହିଲେ - ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା । ଏକ ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ । ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନରେ ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ ।

***ତପନ କୁମାର ପାଳ***
***ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,***
***ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩***

# ଶ୍ରୀରାମଃ ଶରଣଂ ସମସ୍ତ ଜଗତାଂ ରାମଂ...

ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ପୁନର୍ବସୁ ନକ୍ଷତ୍ର ଯୋଗରେ ଶ୍ରୀରାମ ନବମୀ ପଡ଼ିଥାଏ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ପୁଣ୍ୟ ପ୍ରକଟନ ଦିବସ ହେଉଛି ପବିତ୍ର ଶ୍ରୀରାମ ନବମୀ । ମହାପ୍ରଭୁ ଶ୍ରୀରାମଙ୍କ ରାମରାଜ୍ୟ ଓ ରାମାୟଣର କଥନିକା କେବଳ ହିନ୍ଦୁ ଧର୍ମ ନୁହେଁ ପୃଥିବୀର ସବୁ ଧର୍ମ ଓ ସମ୍ପ୍ରଦାୟର ପାଇଁ ଆଧ୍ୟାତ୍ମିକତାର ବାର୍ତ୍ତା ଯୁଗେ ଯୁଗେ ପ୍ରବାହମାନ ହୋଇଛି । ଭଗବାନ ଶ୍ରୀରାମଙ୍କ କଥା ପ୍ରସଙ୍ଗରେ ଦୁଷ୍ଟମାନଙ୍କର ନିଧନ ସହିତ ସମଗ୍ର ଋଷିକୂଳକୁ ରକ୍ଷା କରିଥିଲେ । ଶାସ୍ତ୍ରରେ ଲେଖା ରହିଛି - ଦେବତାମାନଙ୍କର ସେହି ଆକୁଳ ସ୍ତବ ଓ ପ୍ରାର୍ଥନା ଶ୍ରବଣ କରି ଅଖିଳ ଜଗତର ସ୍ରଷ୍ଟା ଭଗବାନ ବିଷ୍ଣୁ ଆଶ୍ୱାସନା ପ୍ରଦାନ କରି କହିଲେ - ସମବେତ ଦେବଗଣ, ତୁମ୍ଭମାନଙ୍କର କଲ୍ୟାଣ ସାଧନ ନିମନ୍ତେ ତ୍ରିଭୁବନର ପରମ ଶତ୍ରୁ ରାକ୍ଷସ ରାବଣକୁ ପୁତ୍ର, ପୌତ୍ର, ଜ୍ଞାତି, ବନ୍ଧୁ ଓ ଅନୁଚର ବର୍ଗଙ୍କ ସହ ମୁଁ ସମୂଳେ ସଂହାର କରିବି ଏବଂ ସେଥି ନିମନ୍ତେ ମୁଁ ମର୍ତ୍ତ୍ୟରେ ମନୁଷ୍ୟ ରୂପରେ ଅବତାର ଗ୍ରହଣ କରିବି ଓ ଦୀର୍ଘ ଏଗାର ହଜାର ବର୍ଷ କାଳ ମର୍ତ୍ତ୍ୟରେ ଅବସ୍ଥାନ କରି ପୃଥିବୀକୁ ପାଳନ କରିବି । ତେଣୁ ତୁମ୍ଭେମାନେ ନିର୍ଭୟ ଚିତ୍ତରେ ବାସ କରେ ।



ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ - କ୍ରିୟାନ୍ୱିତ ଯୁଗ ସକ୍ରିୟ ନରହିଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ । ସତ୍ୟଯୁଗ ହେଉଛି ବଞ୍ଚିବା ଓ ବଢ଼ିବାର ଯୁଗ । ସତ୍ୟ ଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋହଳଅଣା । ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଚାଲେ । ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତି ପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ, ତ୍ରେତୟାରେ ମର୍ଯ୍ୟଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଅବତରଣ । ସେତେବେଳେ ଧର୍ମ ତିନିପାଦ ଓ ଅଧର୍ମ ଏକପାଦ । ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ଦେଖାଯାଏ । ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣଙ୍କର ଅବତରଣ, ସେତେବେଳେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ । ସତ୍ତା ଓ ପ୍ରବୃତ୍ତି ଏହି ଦୁଇ ଦିଗରେ ମନୁଷ୍ୟର ସମାନ ଝୁଙ୍କ । ପ୍ରବୃତ୍ତି ପରାମୃଷ୍ଟତା ପାଇଁ ସତ୍ତାର ଜ୍ୟୋତି କ୍ଷୀଣ । ଆଉ କଳିରେ ଧର୍ମ ଏକପାଦ ଓ ଅଧର୍ମ ତିନିପାଦ । ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ପାଇବା ଓ ଉପଭୋଗର ଦୂରନ୍ତ ଲାଳସା ଆଉ ଏହାର ନମୁନା ବର୍ତ୍ତମାନ ଚର୍ତୁଦିଗରେ ଦେଖାଯାଉଛି । ତ୍ରେତୟା ଯୁଗରେ ମର୍ଯ୍ୟଦାପୁରୁଷୋତ୍ତମ ଶ୍ରୀରାମଙ୍କ ପାଦସ୍ପର୍ଶରେ ପାଷାଣୀ ଅହଲ୍ୟା ଉଦ୍ଧାର ପାଇଥିଲେ । ଏହି ପ୍ରସଙ୍ଗରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ ରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶରେ ଅର୍ଥାତ୍ ଚଳନ ସ୍ପର୍ଶରେ ମାତା ଅହଲ୍ୟାଙ୍କର ପାପାଚରଣଜନିତ ବୋଧର ଅସାଡ଼ତା ଦୂରୀଭୂତ ହୋଇଥିଲା । ସତ୍ୟକାର ଭକ୍ତି ସମ୍ବନ୍ଧରେ ଆଲୋଚନା ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପ୍ରକାଶ କଲେ - ଭକ୍ତ ପ୍ରବର ହନୁମାନଜୀ ସଦାସର୍ବଦା ପ୍ରଭୁ ରାମଚନ୍ଦ୍ରଙ୍କୁ ବହନ କରିଚାଲୁଥିଲେ । ଭକ୍ତ ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହୋଇଥିଲେ ଓ ଅମର ମଧ୍ୟ ହେଲେ । ଭକ୍ତ ପ୍ରବର ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ପ୍ରଭୁ ରାମଚନ୍ଦ୍ରଙ୍କ ସେବା କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି, କେତେ କ'ଣ କାଣ୍ଡ କରିଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କର ପ୍ରୀତି ଉଦ୍ଦିଷ୍ଟ । ପ୍ରୀତି ପାଗଳ ଭକ୍ତ ତାଙ୍କର ପ୍ରିୟତମ ନିମିତ୍ତ ସବୁକିଛି କରନ୍ତି - ଏହା ସହିତ ଅଛି କ୍ଳେଶସୁଖପ୍ରିୟତା । ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ କ୍ଷମା କରିବାକୁ ପାଇଁ ଚାହୁଁଥିଲେ କିନ୍ତୁ ଭକ୍ତକୂଳ ତିଳକ ହନୁମାନ କେବେ ରାବଣଙ୍କୁ କ୍ଷମା କରିନାହାନ୍ତି । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଏକ ଶକ୍ତିମାନ ଦଳ ଥିଲା ପ୍ରେରିତ ପୁରୁଷଙ୍କର ପରିଷଦ ସମ୍ବନ୍ଧରେ ଆଲୋଚନା ଛଳରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ହନୁମାନ, ସୁଗ୍ରୀବ, ଜାମ୍ବୁବାନ, ଅଙ୍ଗଦ, ନଳ, ନୀଳ ଏମାନେ ସମସ୍ତେ ଥିଲେ ପ୍ରଭୁଙ୍କର ଏକ ଶକ୍ତିମାନ ଗୁଚ୍ଛ । ପ୍ରଭୁଙ୍କ ସହିତ ସଦାସର୍ବଦା ଏମାନଙ୍କ ଭିତରୁ ଜଣେ ନା ଜଣେ ଜଗି ରହୁଥିଲେ । ଏକ ସମୟରେ ରାକ୍ଷସ ରାଜା ରାବଣର ଭାଇ ବିଭୀଷଣଙ୍କୁ ଲକ୍ଷ୍ମଣ ସନ୍ଦେହ କରିଥିଲେ । ସେଥିରେ ବିଭୀଷଣ କହିଥିଲେ - ମୁଁ ଜାଣେ ତୁମ୍ଭେମାନେ ମୋତେ ସନ୍ଦେହ କରିବ କାରଣ ମୁଁ ଲଙ୍କାଧୀଶ ରାବଣର ଭାଇ । ମୁଁ ଭାଇ ହୋଇ ଭାଇ ବିରୁଦ୍ଧରେ ବିଶ୍ୱାସଘାତକତା କରିଛି କିନ୍ତୁ ଏହା କିରିଛି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ସନ୍ତୋଷ ନିମିତ୍ତ । ବିଭୀଷଣ ପ୍ରଭୁ ରାମଙ୍କୁ ବହୁତ ଭଲ ପାଉଥିଲେ । ଏପରିକି ନିଜର ପୁତ୍ର ତରଣୀସେନ ମଧ୍ୟ ଏହି ଭକ୍ତି ଓ ପ୍ରୀତି ପାଖରେ ତୁଚ୍ଛ ହୋଇଯାଇଥିଲା । ବାଇବେଲରେ ମହାପ୍ରଭୁ ଯୀଶୁ କହିଛନ୍ତି - ଯିଏ ମୋ ପଥରେ ଚାଲେନାହିଁ ସେ ମୋ ବିରୁଦ୍ଧରେ ରହେ । ଏହା ହିଁ ବିଭୀଷଣଙ୍କ ଚରିତ୍ରରେ ଘଟିଥିଲା । ମା'ଜାନକୀ ହନୁମାନଙ୍କୁ ମୁକ୍ତାର ମାଳା ଦେଇଥିଲେ । ଭକ୍ତକୂଳତିଳକ ହନୁମାନ ତାକୁ ନେଇ ଦାନ୍ତରେ ଛିଡ଼ାଇ ଦେଲେ କାରଣ ସେଥିରେ ରାମ ନାମ ନଥିଲା । ଅନୁଜ ଲକ୍ଷ୍ମଣଙ୍କର ପ୍ରଶ୍ନରେ ହନୁମାନ ଉତ୍ତର ଦେଇଥିଲେ ଏହି ମାଳାରେ ରାମ ନାମ ନାହିଁ । ସେତେବେଳେ ଲକ୍ଷ୍ମଣ କହିଲେ ତୁମ ଶରୀରରେ ମଧ୍ୟ ରାମ ନାମ ଲେଖାନାହିଁ ତେଣୁ ତାକୁ ଫିଙ୍ଗି ଦିଅ ସେତେବେଳେ ହନୁମାନ ନିଜର ବକ୍ଷ ବିଦାରଣ କରି ଦେଖାଇଥିଲେ ଯେ ତାଙ୍କ ହୃଦୟରେ ରାମ ନାମ ସଦାସର୍ବଦା ରହିଛି । ଏହି ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ପ୍ରକାଶ କରିଛନ୍ତି - ଏହାର ତାତ୍ପର୍ଯ୍ୟ ହେଉଛି ମାଳା ମଧ୍ୟରେ ପ୍ରଭୁ ରାମଚନ୍ଦ୍ରଙ୍କର କାର୍ଯ୍ୟରେ ଲାଗିବାର କିଛି ନାହିଁ ଆଉ ମୋ ମଧ୍ୟରେ ପ୍ରଭୁଙ୍କର ଉପଯୋଗୀ ଯାହା ତା' ଛଡ଼ା ଆଉ କିଛି ନାହିଁ । ଏହି ଉପରୋକ୍ତ ବର୍ଣ୍ଣନା ହେଉଛି ଏକ ଉପମା । ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କୁ ଜନୈକ ଭକ୍ତ ହନୁମାନର ସମୁଦ୍ର ଲଙ୍ଘନ ବିଷୟରେ ପ୍ରଶ୍ନ କଲେ । ଏହି ପ୍ରସଙ୍ଗରେ ଜଗତ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର କହିଲେ - ଏହା ମଧ୍ୟରେ ସତ୍ୟ ଅଛି । ଭାରତ ଓ ସିଂହଳ (ଶ୍ରୀଲଙ୍କା) ମଧ୍ୟରେ କେତେଗୁଡ଼ିଏ ଛୋଟ ଛୋଟ ଦ୍ୱୀପ ଥିଲା । ହନୁମାନ ବୋଧହୁଏ ପହଁରି ପହଁରି ଗୋଟିଏ ଦ୍ୱୀପରୁ ଆଉ ଗୋଟିଏ ଦ୍ୱୀପକୁ ଯାଇ ଶ୍ରୀଲଙ୍କାରେ ପହଞ୍ଚିଥିଲେ । ରାମାୟଣରେ ଇଷ୍ଟ ନିଷ୍ଠାର ଚରମ ପ୍ରକାଶ ବର୍ଣ୍ଣିତ ହୋଇଛି । ଏହା ମାଧ୍ୟମରେ ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଜନସାଧାରଣଙ୍କୁ ଆଦର୍ଶ ପିତା, ଆଦର୍ଶ ପୁତ୍ର, ଆଦର୍ଶ ରାଜା, ଆଦର୍ଶ ଭ୍ରାତାର ଯେଉଁ ବର୍ଣ୍ଣନା ହୋଇଛି ତାହା ମାନବ ଜାତି ନିମିତ୍ତ ଚିର ଅନୁସରଣୀୟ ।

***ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର***
***ସହ-ପ୍ରତିରତ୍ନିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,***
***ଦୂରଭାଷ : ୯୪୩୭୦୫୧୯୫୭***



# ଜୁଲାଇ ୨ରେ ପରଦାକୁ ଆସିବ 'ପଞ୍ଚାୟତ' ସିଜନ୍-୪

ଲୋକପ୍ରିୟ ସିରିଜ୍ 'ପଞ୍ଚାୟତ'କୁ ୫ ବର୍ଷ ପୂରିଛି । ୨୦୨୦, ଏପ୍ରିଲ ୩ରେ ପ୍ରାଇମ୍ ଭିଡିଓରେ 'ପଞ୍ଚାୟତ'ର ପ୍ରିମିୟର ହୋଇଥିଲା । ଏହାର ୩ଟିଯାକ ସିଜନ୍‌ର ବିପୁଳ ସଫଳତା ପରେ ସିଜନ୍-୪କୁ ଉତ୍ସାହର ସହ ଅପେକ୍ଷା କରିଥିଲେ ଦର୍ଶକ । ଏହି ଅପେକ୍ଷାର ଅନ୍ତ ଘଟିଛି । 'ପଞ୍ଚାୟତ'ର ୫ମ ବାର୍ଷିକୀ ଅବସରରେ ନିର୍ମାତା ଏହାର ୪ର୍ଥ ସଂସ୍କରଣ ଘୋଷଣା କରିଛନ୍ତି । ଆସନ୍ତା ଜୁଲାଇ ୨ ତାରିଖରେ ପରଦାକୁ ଆସିବ 'ପଞ୍ଚାୟତ' ସିଜନ୍-୪ । ଏହି ଲୋକପ୍ରିୟ ସିରିଜ୍‌ରେ ଜିତେନ୍ଦ୍ର କୁମାର, ନୀନା ଗୁପ୍ତା, ରଘୁବୀର ଯାଦବ, ଚନ୍ଦନ ରୟ, ସନ୍‌ଭିକା, ଫୈଜଲ ମଲିକ, ଦୁର୍ଗେଶ କୁମାର, ସୁନୀତା ରାଜୱାର ଓ ପଙ୍କଜ ଝା ପ୍ରମୁଖ ଅଭିନୟ କରିଛନ୍ତି । ପ୍ରାଇମ୍ ଭିଡିଓ ସିରିଜ୍‌ର ଏକ ପ୍ରମୋସନାଲ ଭିଡିଓ ଶେୟାର କରିଛି । ଏଥିରେ ଜିତେନ୍ଦ୍ର କୁମାର, 'ସାଥ୍ ନିଭାନା ସାଥିୟା' ଫେମ୍ ଜିଆ ମାନେକ ଓ ଭାଇରାଲ ସେନ୍‌ସେସନ୍ ଦର୍ଶନ ମାଗଡମ୍ ରିଲିଜ୍ ତାରିଖ ଘୋଷଣା କରିଛନ୍ତି । ଲୋକପ୍ରିୟ କମେଡି-ଡ୍ରାମା ସିରିଜ୍ 'ପଞ୍ଚାୟତ'ର କାହାଣୀ ଜଣେ ଇଞ୍ଜିନିୟରିଂ ସ୍ନାତକଙ୍କ ଉପରେ ପର୍ଯ୍ୟବସିତ, ଯିଏକି ଉତ୍ତରପ୍ରଦେଶର ଫୁଲେରା ନାମକ ଏକ କାଳ୍ପନିକ ଗାଁରେ ପଞ୍ଚାୟତ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି । ଗତ ୫ ବର୍ଷ ହେଲା ଶୋ'ର ପ୍ରଶଂସକଙ୍କ ସଂଖ୍ୟା ବଢ଼ିଚାଲିଛି ।






# ସାଙ୍ଗାକାରାଙ୍କୁ ଡେଟ୍ କରୁଛନ୍ତି ମଲାଇକା !

ଏହି ଦିଗଜ କ୍ରିକେଟରଙ୍କୁ ଡେଟ୍ କରୁଛନ୍ତି କି ମଲାଇକା ? ଆଇପିଏଲ୍ ମ୍ୟାଚରେ ଏକାଠି ଆସିଲେ ନଜର ବଲିଉଡର ଫିଟନେସ୍ କ୍ୱିନ୍ ମଲାଇକା ଆରୋରା ପ୍ରାୟତଃ ଚର୍ଚ୍ଚାରେ ରହିଥା'ନ୍ତି । କେତେବେଳେ ତାଙ୍କ ଫିଟନେସ୍‌କୁ ନେଇ ତ ଆଉ କେତେବେଳେ ଆଫେୟାର୍ସକୁ ନେଇ । ନିକଟରେ ଅଭିନେତ୍ରୀଙ୍କର କିଛି ସମୟ ପୂର୍ବରୁ ଅର୍ଜୁନ କପୁରଙ୍କ ସହ ବ୍ରେକଅପ୍ ହୋଇଥିଲା । ଏହାପରେ ତାଙ୍କ ନାଁ ପ୍ରତିଦିନ କାହା ନା କାହା ସହିତ ଯୋଡା ହେଉଛି । ଏଥି ମଧ୍ୟରେ ମଲାଇକା ଶ୍ରୀଲଙ୍କାର ଦିଗଜ କ୍ରିକେଟର କୁମାର ସଙ୍ଗକାରାଙ୍କୁ ଡେଟ୍ କରୁଥିବା ଗୁଜବ ହେଉଛି । ବାସ୍ତବରେ, ମଲାଇକା ରବିବାର ଦିନ ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଗୌହାଟିର ବାରସପରା କ୍ରିକେଟ୍ ଷ୍ଟାଡିୟମରେ ପହଞ୍ଚିଥିଲେ । ତାଙ୍କୁ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ କୁମାର ସଙ୍ଗକାରାଙ୍କ ସହ ଦେଖିବାକୁ ମିଳିଥିଲା । ଏହି ସମୟରେ ଅଭିନେତ୍ରୀ ରାଜସ୍ଥାନ ରୟାଲ୍ସର ଜର୍ସି ପିନ୍ଧିଥିବାର ନଜର ଆସିଥିଲେ । ଯାହାର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ଭାଇରାଲ ଫଟୋରେ କୁମାର ସଙ୍ଗକାରାଙ୍କୁ ଆରଆର ଡଗଆଉଟ୍ ଏରିଆରେ ମଲାଇକାଙ୍କ ପାଖରେ ବସିଥିବାର ଦେଖିବାକୁ ମିଳୁଛି । ଯାହା ଉଭୟଙ୍କ ମଧ୍ୟରେ ଡେଟିଂ ଗୁଜବ ସୃଷ୍ଟି କରିଛି । ମଲାଇକା ଏବଂ ସଙ୍ଗକାରାଙ୍କ ଫଟୋ ଭାଇରାଲ ହେବା ପରେ ନେଟେନିଜେନମାନେ ମଧ୍ୟ କମେଣ୍ଟ୍ ଦେବାରେ ପଛାଇ ନାହାଁନ୍ତି । ଅନେକ ସୋସିଆଲ୍ ମିଡିଆ ୟୁଜର୍ସ କମେଣ୍ଟ ଦେଇ ଲେଖିଛନ୍ତି ଯେ ମଲାଇକା ଆରୋରା ସଙ୍ଗକାରାଙ୍କୁ ଡେଟ୍ କରୁଛନ୍ତି ।

# ରଶ୍ମିକାଙ୍କ ଖୁସି କହିଲେ ନ ସରେ...



ରଶ୍ମିକା ମନ୍ଦାନା ଏହି ସମୟରେ ବଲିଉଡ୍‌ରେ ଚର୍ଚ୍ଚିତ ପାଲଟିଛନ୍ତି । ତାଙ୍କର ସଲମାନ ଖାନଙ୍କ ସହ ସିକନ୍ଦର ସିନେମା ରିଲିଜ୍ ହୋଇଛି । ଓପନିଂ ଡେ ରେ ପ୍ରଶଂସକଙ୍କ କ୍ରେଜି ରିଆକ୍ସନ ଦେଖିବାକୁ ମିଳୁଛି । ଏହି ମଧ୍ୟରେ ରଶ୍ମିକା ଇଣ୍ଡଷ୍ଟ୍ରୀରେ ନିଜର କମ୍ପିଟିସନକୁ ନେଇ ଯାହା କହିଛନ୍ତି, ଆସନ୍ତୁ ସେ ବିଷୟରେ ଜାଣିବା । ରଶ୍ମିକା ମନ୍ଦାନା ଏନଡିଟିଭିକୁ ଦେଇଥିବା ଇଣ୍ଟରଭ୍ୟୁରେ କହିଛନ୍ତି, ମୁଁ ଅଲଗା ଅଲଗା ଇଣ୍ଡଷ୍ଟ୍ରୀ କନ୍ନଡ, ତେଲୁଗୁ, ତାମି ଓ ହିନ୍ଦୀକୁ ଖୋଜିବାର ବିକଳ୍ପ ବାଛିଛି ଏବଂ ମୋତେ ଖୁବ୍ ଶୀଘ୍ର ମଲାୟାଲମ୍ (ଇଣ୍ଡଷ୍ଟ୍ରୀ) ରେ କାମ କରିବାର ଆଶା ରହିଛି । ରଶ୍ମିକା ଆହୁରି କହିଛନ୍ତି, ମୋ ନିଷ୍ପତ୍ତି ମୋ ନିଜର, କାରଣ ମୋର ଜର୍ଣ୍ଣି ଅଲଗା ପ୍ରକାରର । ମୁଁ କୁର୍ଗର । ମୁଁ କନ୍ନଡରୁ ଆରମ୍ଭ କରିଛି ଏବଂ ତାମିଲ ଓ ହିନ୍ଦୀକୁ ଆସିଲି । ମୁଁ ନିଜର ବିକଳ୍ପ ଗୁଡ଼ିକ ଓ ଏଥିରୁ ହେବାକୁ ଥିବା ଭବିଷ୍ୟତର ପୂରା ଦାୟିତ୍ୱ ନେଇଛି । ରଶ୍ମିକା ଇଣ୍ଡଷ୍ଟ୍ରୀରେ କମ୍ପିଟିସନକୁ ନେଇ କହିଛନ୍ତି,ଏଥିପାଇଁ ମୋତେ ଏମିତି ଲାଗୁଛି ଯେ, ଯେମିତି ହିଁ ଆପଣ କମ୍ପିଟିସନ କୁହନ୍ତି, ମୋର ଏହା ସହ ଲେଣଦେଣ ନାହିଁ, କାରଣ ...। ଏହା ପୂର୍ବରୁ ମଝିରେ ସଲମାନ ଖାନ କହିଥିଲେ, ସମସ୍ତେ ନିଜ ନିଜର କାମ କରୁଛନ୍ତି । କମ୍ପିଟିସନରେ ହିଁ ଆପଣଙ୍କର ବିକାଶ ହୋଇଥାଏ । ଆପଣଙ୍କୁ ନିତି ନିଜ ଉପରେ କାମ କରିବା ଉଚିତ୍ । ସିକନ୍ଦର ଫିଲ୍ମର କଥା ଯଦି କହିବା ତ ଏହା ଈଦ୍ର ଅବସରରେ ୩୦ ମାର୍ଚ୍ଚରେ ରିଲିଜ୍ ହୋଇ ଯାଇଛି । ଏଥିରେ ସଲମାନ ଓ ରଶ୍ମିକାଙ୍କ ବ୍ୟତୀତ କାଜଲ ଅଗ୍ରୱାଲ, ସତ୍ୟରାଜ, ପ୍ରତୀକ୍ ବବର ଓ ଶରମନ ଯୋଶୀଙ୍କ ଭଳି ଷ୍ଟାର ଅଛନ୍ତି । ଏହାର ନିର୍ଦ୍ଦେଶନା ଗଜନୀ ଫେସ୍ ଏଆର ମୁରୁଗାଦାସ ଦେଇଛନ୍ତି । ଫିଲ୍ମର ପ୍ରଥମ ଦିନ ୪୦ରୁ ୪୫ କୋଟି କମାଇବାର ଆଶା କରାଯାଉଛି । ଏହାର ବଜେଟ୍ ୨୦୦ କୋଟି ଟଙ୍କା ଥିବା କୁହାଯାଉଛି ।

# ସ୍ୱୀକାର୍ କଲେ ଖିଲାଡ଼ି କୁମାର୍

ଅକ୍ଷୟ କୁମାର ଫିଲ୍ମରେ ଗାଳି କରିଥିବା କଲେ ସ୍ୱୀକାର, କହିଲେ –ହଁ , ମୁଁ 'ଏଫ୍' ଶବ୍ଦ ବ୍ୟବହାର କରିଛି ଅକ୍ଷୟ କୁମାରଙ୍କ ଅପକମିଂ ଫିଲ୍ମ 'କେସରୀ ଚ୍ୟାପଟର-୨' ର ଟ୍ରେଲର ରିଲିଜ୍ ହୋଇ ଯାଇଛି । ଏହି ଫିଲ୍ମରେ ଅକ୍ଷୟଙ୍କ ସହ ଅଛନ୍ତି ଅନନ୍ୟା ପାଣ୍ଡେ ଓ ଆର୍ ମାଧବନ ଅଛନ୍ତି । ଏହି କୋର୍ଟରୁମ୍ ଡ୍ରାମା ଫିଲ୍ମ ଜାଲିଆନୱାଲା ବାଗ୍ ହତ୍ୟାକାଣ୍ଡ ଉପରେ ଆଧାରିତ । ସାମନା ଆସିଥିବା ଟ୍ରେଲରରେ ଅକ୍ଷୟ 'ଏଫ୍ ୱାର୍ଡ' କହିବା ଶୁଣିବାକୁ ମିଳୁଛି । ଏଥିରେ ଟ୍ରେଲର ଲଞ୍ଚରେ ଅକ୍ଷୟଙ୍କୁ ପଚରା ଯାଇଛି ଯେ, ସେ ଫିଲ୍ମରେ ଏହି ଶବ୍ଦ କାହିଁକି ବ୍ୟବହାର କରିଛନ୍ତି । ଅକ୍ଷୟ କହିଛନ୍ତି, ହଁ , ମୁଁ ଏହି ଶବ୍ଦର ବ୍ୟବହାର କରିଛି । ମୋତେ ଆପଣଙ୍କର ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି । ଆପଣ ଏହା ଉପରେ ଧ୍ୟାନ ଦେଇଛନ୍ତି ଯେ, ମୁଁ 'ଏଫ୍ ୱାର୍ଡ ' ୟୁଜ୍ କରିଛି, କିନ୍ତୁ ଆପଣ ଏହି କଥା ଉପରେ ଧ୍ୟାନ ଦେଇଛନ୍ତି କି, ସେ ' ଆମ ହିନ୍ଦୁସ୍ତାନୀଙ୍କୁ ଗୋଲାମ କହି ଥିଲେ' । କହିଲେ ଏହା ଆପଣଙ୍କ ପାଇଁ 'ଏଫ୍ ୱାର୍ଡ' ଠାରୁ ବଡ଼ ଗାଳି ନଥିଲା ? ଏହା ଠାରୁ ବଡ଼ ଗାଳି ଆଉ କିଛି ହୋଇ ପାରିବ ନାହିଁ । ଏମିତି ସମୟରେ, ଯଦି ତାଙ୍କୁ ଗାଳି ବି ମାରି ଦିଆ ଯାଏ ତ ତାହା ବି ଛୋଟ କଥା ହେବ । ଅକ୍ଷୟ କୁମାର ଟ୍ରେଲର ଲଞ୍ଚରେ ଏହା ମଧ୍ୟ କହିଛନ୍ତି ଯେ, ଏହି ଫିଲ୍ମ ତାଙ୍କ ପାଇଁ ସ୍ୱତନ୍ତ୍ର କାହିଁକି । ଅକ୍ଷୟ କହିଛନ୍ତି, ଏହି ଫିଲ୍ମ ପର୍ସନାଲ ଓ ଖାସ୍ ଫିଲ୍ମ । ମୋ ପିତାଙ୍କ ଜନ୍ମ ଜାଲିଆନୱାଲା ବାଗ୍‌ର ଠିକ୍ ସାମ୍ନାରେ ହୋଇ ଥିଲା । ସେଠାରେ ଏକ ଆଲୁ କଟରା ଗଳି ଅଛି । ମୋ ଜେଜେବାପା ନିଜ ଆଖପାଖରେ ଏହି ସବୁ ହେବାର ଦେଖିଥିଲେ । ଆମେ ଏହି ଫିଲ୍ମକୁ ବିରକ୍ତିରେ ତିଆରି କରିଛୁ । ମୁଁ ନିଜ ପିତାଙ୍କ ଠାରୁ କାହାଣୀ ଶୁଣିଛି , ସେ ମୋର ଜେଜେ ବାପାଙ୍କ ଠାରୁ ଶୁଣିଛନ୍ତି । ନିର୍ଦ୍ଦେଶକ କରଣ ମଧ୍ୟ ମୋତେ ଯାହା କିଛି ବି ହୋଇଛି ଏ ବିଷୟରେ ବହୁତ କିଛି କହିଛନ୍ତି । କହି ରଖୁଛୁ କି, ଏହି ଫିଲ୍ମ ୧୮ ଅପ୍ରେଲ ଦିନ ରିଲିଜ ହେବାର ସୂଚନା ରହିଛି ।



# ଖୋଜୁଛନ୍ତି ଆଲିଆ

କଥାରେ ଅଛି ଅପେକ୍ଷାର ଫଳ ମିଠା । ହେଲେ ସେ ପର୍ଯ୍ୟନ୍ତ ନିଜର ଧୈର୍ଯ୍ୟ ରହିବା ହେଲା ବଡ଼ କଥା । ଏମିତି ଏକ ଅପେକ୍ଷାରେ ଅଛନ୍ତି ଆଲିଆ ଭଟ୍ଟ । ତେବେ ସେ କାହାକୁ ଅପେକ୍ଷା କରିଛନ୍ତି ଜାଣିବେନି । କଥା କ'ଣ କି ସେ ଏକ କମେଡିଭିତ୍ତିକ କାହାଣୀ ଖୋଜୁଛନ୍ତି । ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କର ଜଣେ ପ୍ରଯୋଜକଙ୍କ ସହ ଭେଟ ହୋଇଥିଲା । ଆଲୋଚନା ପ୍ରସଙ୍ଗରେ ଆଲିଆ ତାଙ୍କୁ କହିଥିଲେ ଯେ, 'ମୁଁ ଏକ କମେଡିଭିତ୍ତିକ କାହାଣୀ ଖୋଜୁଛି ।' ଏ କଥା ଜାଣିବା ପରେ ସେହି ପ୍ରଯୋଜକଙ୍କର ଉତ୍ସାହ ବଢ଼ିଯାଇଥିଲା । ତାଙ୍କୁ ସେ କହିଥିଲେ, ଯଦି ଆପଣ ଏଭଳି ଏକ ଭଲ କାହାଣୀଟିଏ ପାଆନ୍ତି ତେବେ ମୋ ସହ ଯୋଗାଯୋଗ କରିପାରନ୍ତି । ଆଉ ତା' ପରେ ଆଲିଆ ସେଥିପାଇଁ ଦିନରାତି ଏକାଠି କରିଦେଇଛନ୍ତି । ଏ ସମ୍ପର୍କରେ ସେ କହନ୍ତି 'ବର୍ତ୍ତମାନ ମୁଁ କମେଡିକୁ ଆଧାର କରି କାହାଣୀଟିଏ ଖୋଜୁଛି । ଅବଶ୍ୟ ୟା ଭିତରେ ମୋତେ ୨-୩ଟି ଏପରି କାହାଣୀ ମିଳିଥିଲା, ହେଲେ ସେଗୁଡ଼ିକ ମୋତେ ପ୍ରଭାବିତ କରିପାରି ନ ଥିଲା । ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ, ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ । ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛି ।" ତେବେ ଆଲିଅଶଙ୍କର ଏହି କାହାଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ଅପେକ୍ଷା କରିବାକୁ ପଡ଼ିବ ।



# ଶ୍ରୁତିଙ୍କ ନୂଆ ଯୋଜନା

ଶ୍ରୁତି ହାସନଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି । ଅଭିନୟ ତ ଚାଲୁ ରହିବ, ତା' ସହ ସେ ଆଉ ଏକ କ୍ଷେତ୍ରରେ ବି ପାଦ ରଖୁଛନ୍ତି । ତାହା ହେଲା ପରିବେଶ ସୁରକ୍ଷା । କଥା କ'ଣ କି ନିକଟରେ ସେ ସାଙ୍ଗମାନଙ୍କ ସହ ଏକ ହିଲ୍ ଷ୍ଟେସନକୁ ବୁଲିବାକୁ ଯାଇଥିଲେ । ସେଠାକାର ସବୁଜିମା ପରିବେଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଆଉ ତା' ପରେ ସେ ଏକ ନୂଆ ଯୋଜନା କରିଛନ୍ତି । ତାହା ହେଲା ପରିବେଶ ସୁରକ୍ଷା । ଏ ନେଇ ନିଜ ପଟରୁ ସେ କ'ଣ କରିପାରିବେ ସେ ନେଇ ଯୋଜନା ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି । ଏ ନେଇ ଶ୍ରୁତି କହନ୍ତି, " ନିକଟରେ ମୁଁ ମୋର କେତେଜଣ ସାଙ୍ଗଙ୍କ ସହ ମନାଲି ବୁଲିବାକୁ ଯାଇଥିଲି । ସେଠାକାର ପ୍ରାକୃତିକ ଦୃଶ୍ୟର ଆମେ ଭରପୁର ମଜା ଉଠାଇଥିଲୁ । ଆଉ ସେଇଠି ମୋ ମନରେ ପରିବେଶ ସୁରକ୍ଷା ନେଇ ଭାବନା ଜାଗ୍ରତ ହୋଇଥିଲା । ସେଠାରୁ ଫେରିବା ପରେ ଏ ନେଇ ପାପା (କମଲ ହାସନ)ଙ୍କ ସହ ଆଲୋଚନା କଲି । ସେ ମୋର ଏଭଳି ଯୋଜନାକୁ ବେଶ୍ ପ୍ରଶଂସା କରିଥିଲେ । କେବଳ ସେତିକି ନୁହେଁ, ଆବଶ୍ୟକ ପଡ଼ିଲେ ତାଙ୍କ ପଟରୁ ଯେତିକି ସାହାଯ୍ୟ କରାଯାଇପାରିବ ସେ କରିବାକୁ ରାଜି ଅଛନ୍ତି । ତେଣୁ ଖୁବଶୀଘ୍ର ମୋର ଏଭଳି ଯୋଜନାର ଚୂଡ଼ାନ୍ତ ରୂପରେଖ ପାଇବାକୁ ଯାଉଛି । ଆଶା ରଖିଛି ଏ କ୍ଷେତ୍ରରେ ମୁଁ ସଫଳ ହେବି ।" ତେବେ ଶ୍ରୁତି ପରିବେଶ ସୁରକ୍ଷାରେ କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ ।



# ପାଖେଇ ଆସୁଛି ଦିନ

ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ହାସ୍ୟାଭିନେତା ପପୁ ପମପମ । ଖୁବଶୀଘ୍ର ସେ ଓଡ଼ିଆ ଦର୍ଶକଙ୍କ ସାମ୍ନାକୁ ଏକ ଭିନ୍ନ ରୂପରେ ଆସୁଛନ୍ତି । ଅବଶ୍ୟ ଏହାପୂର୍ବରୁ ସେ ନିଜକୁ ଜଣେ ଆଗଧାଡ଼ିର ହାସ୍ୟାଭିନେତା ଭାବରେ ପ୍ରମାଣ କରିସାରିଛନ୍ତି । ହେଲେ ତାଙ୍କ ଅଭିନୀତ ଆଗାମୀ ଫିଲ୍ମରେ ରହିଛି କିଛି ସ୍ୱତନ୍ତ୍ରତା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ସିନେମାରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ତା' ସହ କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଏହି ଫିଲ୍ମଟି ଚଳିତ ମାସ ୧୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚିତ୍ରଟିର ଟାଇଟଲ୍ ରହିଛି 'ଡଷ୍ଟବିନ୍' । ଏ ବିଷୟରେ ପପୁ କହନ୍ତି, "ଏହାର କାହାଣୀରେ ଭିନ୍ନତା ରହିଛି । ଦର୍ଶକ ଏଥିରୁ ଲଭ୍, ଇମୋଶନ, କମେଡି ଆଦିର ମଜା ନେଇପାରିବେ । କେ.କେ ସାହୁ ଫିଲ୍ମର ପ୍ରଯୋଜକ ଥିବାବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସାଇଁ । ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା । ନବାଗତା ପ୍ରାଚୀ, ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସାଇଁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।



# ସବୁ କିଛି ଡାର୍ଲିଂଙ୍କ ପାଇଁ...

ଦକ୍ଷିଣ ଭାରତୀୟ ସିନେମାରେ ଆଗଧାଡ଼ିର ତଥା ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରୁ ପ୍ରଭାସ ଅନ୍ୟତମ । 'ବାହୁବଳୀ' ତାଙ୍କୁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇସାରିଛି । ତେବେ ନିଜ ଅଭିନୟ ଜୀବନରେ ସେ ଯାହା କରିଛନ୍ତି ଏବଂ ଯାହା ପାଇଛନ୍ତି ସବୁକିଛି ଡାର୍ଲିଂଙ୍କ ପାଇଁ । ହେଲେ ସେ ଡାର୍ଲିଂ କି ଏ ? ତାଙ୍କର ନାମ କ'ଣ ? କେବେଠାରୁ ତାଙ୍କ ସହ ସେ ଯୋଡ଼ି ହେଲେ ? ଏମିତି ଅନେକ ପ୍ରଶ୍ନ ମନ ଭିତରେ ଉଙ୍କି ମାରିବା ସ୍ୱାଭାବିକ । ହେଲେ ପାଠିକା-ପାଠକଙ୍କ ମନରୁ ପ୍ରଥମେ ଏହି ଭ୍ରମ ଦୂର କରିଦେବା ଯେ, ଏହି ଡାର୍ଲିଂ ଜଣଙ୍କ କୌଣସି ରୂପସୀ ନୁହଁନ୍ତି । ସେ ହେଉଛନ୍ତି ତାଙ୍କର ପ୍ରଶଂସକମାନେ । ଅର୍ଥାତ୍, ନିଜ ପ୍ରଶଂସକମାନଙ୍କୁ ପ୍ରଭାବ ଶ୍ରଦ୍ଧାରେ 'ଡାର୍ଲିଂ' ବୋଲି ସମ୍ବୋଧନ କରନ୍ତି । ଆଉ ଏକ କଥା ଜାଣନ୍ତି ? ତାମିଲ ଫିଲ୍ମରେ ଅଭିନୟ କରିବା ପୂର୍ବରୁ ସେ 'ଆକ୍ସନ ଜ୍ୟାକସନ' ନାମକ ହିନ୍ଦୀ ସିନେମାର ଏକ ଗୀତରେ ଅଭିନୟ କରିଥିଲେ ।



ମାତୃଭାଷା

# ନଗର ଖବର



## ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ; ଅଭିଯୁକ୍ତ ଗିରଫ

ଧାମନଗର (ମାନିସ) ଧାମନଗର ଥାନା ଅନ୍ତର୍ଗତ ମୁସ୍ତାଫାପୁର ପଂଚାୟତର ବେଲମଲା ଗ୍ରାମର ଜଣେ ନାବାଳିକା ଭିନ୍ନକ୍ଷମ ଛାତ୍ରୀକୁ ଧର୍ଷଣ କରିବା ଅଭିଯୋଗରେ ଧାମନଗର ପୋଲିସ ଜଣଙ୍କୁ ଗିରଫ କରିଛି। ସୂଚନା ଥାଉକି ଉକ୍ତ ଗ୍ରାମର ମାଗୁଣି ଦେହୁରୀଙ୍କ ପୁଅ ବାପି ଦେହୁରୀ ଓ ତାଙ୍କର ଜଣେ ସାଙ୍ଗ ମିଶି ଗୁରୁବାର ସନ୍ଧ୍ୟାରେ ଉକ୍ତ ନାବାଳିକା ଦାଣ୍ଡରେ ବୁଲୁଥିବା ବେଳେ ତାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିକଟସ୍ଥ ଏକ ନିଛାଟିଆ ବିଲରେ ଉଭୟ ଧର୍ଷଣ କରିଥିଲେ। ନାବାଳିକା ଜଣଙ୍କ ଭିନ୍ନକ୍ଷମ ସହ ହାଉଡ଼ି ଥିବାରୁ ଏତେ କଥାକୁ ବୁଝିନପାରି ଘରେ ଆସି ପରିବାର ଲୋକଙ୍କୁ କହିବା ପରେ ପରିବାର ଲୋକ ଅଭିଯୁକ୍ତର ବାପାଙ୍କୁ କହିଥିଲା। ଏ ବିଷୟରେ ଗ୍ରାମରେ ବୁଝାବୁଝି କରିଦେବାକୁ ଗୋଟେ ଦିନ ସମୟ ନେଇ ଆଉ ଧରା ଦେଇନଥିଲେ । ବାଧ୍ୟ ହୋଇ ଗୋଟେ ଦିନପରେ ଶନିବାର ନାବାଳିକାର ବାପା ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେଶ ନମ୍ବର ୧୩୧/୨୫ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବାପିକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ଜଣା ଯାଇଛି।ରବିବାର ଉଭୟଙ୍କୁ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହୁଛନ୍ତି।

## ଛତିଶଗଡ଼ର ବସ୍ତରରେ ବସ୍ତର ପଣ୍ଡୁମ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ଶାହ

ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଛତିଶଗଡ଼ର ବସ୍ତର ପଣ୍ଡୁମ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ଶର୍ମାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜଦେଓ ଆଦିବାସୀ ଲୋକଙ୍କ ଜଳ, ଜଙ୍ଗଲ, ଜମି ଏବଂ ସଂସ୍କୃତି ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଜନସାଧାରଣଙ୍କ ରାଜା ଭାବେ ମହାରାଜା ପ୍ରବୀର ଚନ୍ଦ୍ରଙ୍କ ଲୋକପ୍ରିୟତା ତତ୍କାଳୀନ ସରକାରଙ୍କ ପାଇଁ ଅସହ୍ୟ ଥିଲା, ଯାହା ଏକ ଷଡଯନ୍ତ୍ର ମାଧ୍ୟମରେ ତାଙ୍କୁ ହତ୍ୟା କରିଥିଲା। ଶ୍ରୀ ଶାହ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ ଆଜି ବସ୍ତର ଲାଲ ଆତଙ୍କବାଦରୁ ସ୍ୱାଧୀନତାର ଦ୍ୱାରଦେଶରେ ଛିଡ଼ା ହୋଇଛି ଏବଂ ବିକାଶର ପଥରେ ଆଗେଇଛି, ପ୍ରବୀର ଚନ୍ଦ୍ର ଜୀଙ୍କ ଆତ୍ମା, ସେ ଯେଉଁଠି ଥାଆନ୍ତୁ ନା କାହିଁକି, ବସ୍ତରର ଲୋକମାନଙ୍କୁ ନିଃସନ୍ଦେହ ଆଶୀର୍ବାଦ ଦେଉଛି। ଶ୍ରୀ ଅମିତ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆସନ୍ତା ବର୍ଷ ଠାରୁ ଦେଶର ପ୍ରତ୍ୟେକ ଆଦିବାସୀ ଜିଲ୍ଲାର କଳାକାରଙ୍କୁ ବସ୍ତର ପଣ୍ଡୁମରେ ସାମିଲ କରାଯିବ। ସେ ଉଲ୍ଲେଖ କରିଥିଲେ ଯେ ବସ୍ତର ପଣ୍ଡୁମକୁ ଆନ୍ତର୍ଜାତୀୟ ମାନ୍ୟତା ଦେବା ପାଇଁ ମୋଦୀ ସରକାର ସମସ୍ତ ଦେଶର ରାଷ୍ଟ୍ରଦୂତଙ୍କୁ ବସ୍ତର ଗସ୍ତରେ ନେଇ ବସ୍ତରର ପରମ୍ପରା, ସଂସ୍କୃତି ଏବଂ କଳାକୁ ପ୍ରଦର୍ଶିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଏହାକୁ ସାରା ବିଶ୍ୱରେ ବିସ୍ତାର କରୁଛନ୍ତି। ଶ୍ରୀ ଶାହ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ୧୮୮ ଟି ଗ୍ରାମ ପଞ୍ଚାୟତ, ୧୨ଟି ନଗର ପଞ୍ଚାୟତ, ୮ଟି ନଗର ପରିଷଦ, ଗୋଟିଏ ପୌରପାଳିକା ଏବଂ ୩୨ଟି ଜନପଦରୁ ୪୭,୦୦୦ କଳାକାର ଏହି ଉତ୍ସବରେ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସଂସ୍କୃତି ବିଭାଗ ବସ୍ତର ପାଣ୍ଡୁମ ପାଇଁ ୫ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ସେ ଗୁରୁତ୍ୱାରୋପ



କରିଥିଲେ ଯେ ଏହି ପଣ୍ଡୁମ ସ୍ଥାନୀୟ ଏବଂ ପାରମ୍ପରିକ କଳା, ସଂସ୍କୃତି, କାରିଗରୀ, ପର୍ବପର୍ବାଣୀ, ଖାଦ୍ୟ, ଭାଷା, ରୀତିନୀତି, ପୋଷାକ, ଅଳଙ୍କାର, ପାରମ୍ପାରିକ ଗୀତ, ସଙ୍ଗୀତ ଏବଂ ବ୍ୟଞ୍ଜନକୁ ମୂଳ ରୂପରେ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଆମେ ଚାହୁଁ ଯେ ବସ୍ତରର ଯୁବକମାନେ ସବୁଠାରୁ ଆଧୁନିକ ଶିକ୍ଷା ଗ୍ରହଣ କରନ୍ତୁ, ବିଶ୍ୱର ଯୁବକମାନଙ୍କ ସହିତ ପ୍ରତ୍ୟେକ ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ ଏବଂ ବିଶ୍ୱ ସମୃଦ୍ଧି ହାସଲ କରନ୍ତୁ, କିନ୍ତୁ ସେମାନେ ସେମାନଙ୍କର ସଂସ୍କୃତି, ଭାଷା ଏବଂ ପରମ୍ପରାକୁ କଦାପି ଭୁଲିଯିବା ଉଚିତ୍ ନୁହେଁ। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ବସ୍ତରର ସଂସ୍କୃତି, ଉପଭାଷା, ବାଦ୍ୟଯନ୍ତ୍ର ଏବଂ ଖାଦ୍ୟ କେବଳ ଛତିଶଗଡ଼ ନୁହେଁ ବରଂ ସମଗ୍ର ଭାରତର ସଂସ୍କୃତିର ରତ୍ନ ଏବଂ ଆମକୁ ଏହାକୁ ସଂରକ୍ଷିତ କରିବାକୁ ପଡିବ। ଶ୍ରୀ ଶାହ ଉଲ୍ଲେଖ କରିଥିଲେ ଯେ ଚଳିତ ବର୍ଷ ସାତଟି ବର୍ଗରେ ପାଳନ କରାଯାଉଥିବା ବସ୍ତର ପଣ୍ଡୁମ ପର୍ବ ଆସନ୍ତା ବର୍ଷ ବାରଟି ବର୍ଗରେ ପାଳନ କରାଯିବ ଏବଂ ଏଥିରେ ସାରା ଦେଶର ଆଦିବାସୀମାନେ ଅଂଶଗ୍ରହଣ କରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ବିବିଧତା ମଧ୍ୟରେ ଏକତା, ବିଭିନ୍ନ ସଂସ୍କୃତି, କଳା, ପରମ୍ପରା, ଭାଷା, ଉପଭାଷା ଏବଂ ବ୍ୟଞ୍ଜନର ମିଶ୍ରଣରେ ଭାରତର ଶକ୍ତି ରହିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଆମେ ବିଶ୍ୱ ସହିତ ପ୍ରତ୍ୟେକ ପ୍ରତିଯୋଗିତାରେ ଦୃଢ଼ ଭାବେ ଛିଡ଼ା ହେବୁ, କିନ୍ତୁ ଆମେ ଆମର ସଂସ୍କୃତି ଏବଂ ଅନ୍ୟାନ୍ୟ ଐତିହ୍ୟକୁ ମଧ୍ୟ ସଂରକ୍ଷିତ ରଖିବୁ ଏବଂ ବସ୍ତର ପଣ୍ଡୁମ ହେଉଛି ଏହି ପ୍ରୟାସର ଆରମ୍ଭ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ସମୟ ବିତିଗଲାଣି ଯେତେବେଳେ ଏଠାରେ ଗୁଳି ଚାଳନା କରାଯାଇଥିଲା ଏବଂ ବୋମା ବିସ୍ଫୋରଣ ହୋଇଥିଲା। ସେ ସମସ୍ତ ନକ୍ସଲମାନଙ୍କୁ ନିବେଦନ କରି ସେମାନଙ୍କ ଅସ୍ତ୍ରଶସ୍ତ୍ର ପକାଇ ମୁଖ୍ୟଧାରାରେ ଯୋଗଦେବାକୁ ଅନୁରୋଧ କରିଥିଲେ କାରଣ ବସ୍ତର ବିକାଶ ଚାହୁଁଛି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବସ୍ତରକୁ ସବୁକିଛି ଦେବାକୁ ଚାହୁଁଛନ୍ତି, କିନ୍ତୁ ଏହା କେବଳ ସେତେବେଳେ ସମ୍ଭବ ଯେତେବେଳେ ବସ୍ତରରେ ଶାନ୍ତି ରହିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପିଲାମାନେ ବିଦ୍ୟାଳୟ ଯିବା ଉଚିତ, ମାଆମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯିବା ଉଚିତ, ଆଦିବାସୀ ଏବଂ ଯୁବକମାନେ ଅପପୁଷ୍ଟି ଦ୍ୱାରା ପୀଡ଼ିତ ହେବା ଉଚିତ ନୁହେଁ, ପିଲାମାନଙ୍କ ଶିକ୍ଷା ପାଇଁ ବ୍ୟବସ୍ଥା କରାଯିବା ଉଚିତ, ପ୍ରତ୍ୟେକ ଗ୍ରାମରେ ଏକ ଔଷଧ ଦୋକାନ ରହିବା ଉଚିତ ଏବଂ ପ୍ରତ୍ୟେକ ତହସିଲରେ ଏକ ଡାକ୍ତରଖାନା ରହିବା ଉଚିତ–କେବଳ ସେତେବେଳେ ବିକାଶ ହୋଇପାରିବ। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ଏହା କେବଳ ସେତେବେଳେ ସମ୍ଭବ ଯେତେବେଳେ ବସ୍ତରର ଲୋକମାନେ ପ୍ରତ୍ୟେକ ଗ୍ରାମକୁ ନକ୍ସଲ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେବେ। ଶ୍ରୀ ଶାହ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଛତିଶଗଡ଼ ସରକାର ଘୋଷଣା କରିଛନ୍ତି ଯେ ଯେଉଁ ଗ୍ରାମ ସମସ୍ତ ନକ୍ସଲଙ୍କୁ ଆତ୍ମସମର୍ପଣ କରାଇବ, ତାହାକୁ ନକ୍ସଲ ମୁକ୍ତ ଘୋଷଣା କରାଯିବ ଏବଂ ଏକ କୋଟି ଟଙ୍କାର ବିକାଶ ପାଣ୍ଠି ଦିଆଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ କେହି କାହାକୁ କ୍ଷତି ପହଞ୍ଚାଇବାକୁ ଚାହାଁନ୍ତି ନାହିଁ, ଏବଂ ତେଣୁ ନକ୍ସଲମାନେ ହିଂସା ପରିତ୍ୟାଗ କରି ମୁଖ୍ୟଧାରାକୁ ଆସିବା ଉଚିତ୍, କାରଣ ଉଭୟ ଭାରତ ସରକାର ଏବଂ ଛତିଶଗଡ଼ ସରକାର ସୁରକ୍ଷା ପ୍ରଦାନ କରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ନକ୍ସଲମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଦ୍ୱାରା ସମଗ୍ର ବସ୍ତରର ବିକାଶକୁ ଅଟକାଇ ପାରିବେ ନାହିଁ।

## ସବୁଜ ଶକ୍ତି ଶୀର୍ଷକ କର୍ମଶାଳା




କଟକ : ସମ୍ପ୍ରତି ପରିବେଶ ପ୍ରଦୂଷଣ ହ୍ରାସ କୁ ଦୃଷ୍ଟିରେ ରଖି ପାରମ୍ପରିକ ଶକ୍ତି ବିକଳ୍ପ ରେ ସୂର୍ଯ୍ୟ, ଜଳ, ପବନ, ଜୁଆର,ଜିଓ ଥର୍ମାଲ, ବାଇଓମାସ ପ୍ରଭୃତି ଛଅ ପ୍ରକାର ସବୁଜ ଶକ୍ତି ର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ଦିଗରେ କ୍ଲବ ତଥା ଆଲୋଚନାଚକ୍ର ର ସଭାପତି ବରିଷ୍ଠ ପରିବେଶ ବିଜ୍ଞାନୀ ଡ଼କ୍ଟର ଆଶୁତୋଷ ଦେବତା ଏବଂ ଅତିଥି ବକ୍ତା ଭାବରେ ସ୍ୱନାମଧନ୍ୟ ବିଶେଷଜ୍ଞ ଯନ୍ତ୍ରୀ ଅମଳେନ୍ଦୁ ମହାନ୍ତି ପ୍ରକାଶ କରିଛନ୍ତି। ବ୍ୟାପକ ବୃକ୍ଷ ରୋପଣ ଓ , ଜଳ ଓ ଉପଲବ୍ଧ ଶକ୍ତି ର ସରକ୍ଷଣ ପ୍ରତି ଯତ୍ନବାନ ହେବାକୁ ଆଲୋଚନା ରେ ଅଂଶଗ୍ରହଣ କରିଥିବା ରୋଟାରୀଆନ ସର୍ବଶ୍ରୀ ଡ଼ଃ ରଜନୀକାନ୍ତ ଶତପଥି, ଶଶାଙ୍କ ମହାପାତ୍ର, ପଙ୍କଜ ରାଜଗୁରୁ, ନନ୍ଦ କିଶୋର ଶତପଥି, ରମେଶ ଚନ୍ଦ୍ର ସିଂ, ବିଭୁତି ଭୂଷଣ ରାଉତ, ଅରୁଣ କୁମାର ଦାଶ, ରଘୁନାଥ ଭୁତ,ଶୈଳେନ୍ଦ୍ର ନାରାୟଣ ଶତପଥି, ଦିଲ୍ଲୀପ କୁମାର ସାହୁ, ଚୌ.ରାମମୋହନ ରାଓ, ଦୁଷ୍ମନ୍ତ ବିଶ୍ୱାଳ,ଉଦୟ ଶଙ୍କର ଦାସ, ଓ ରୁପେଶ ରାଉତ ପ୍ରମୁଖ ମତ ପ୍ରକାଶ କରିଥିଲେ।

## ଆସ୍ଥା ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ




ବେଲପଡ଼ା : ଛାତ୍ର ଜୀବନ ରେ ଶୃଙ୍ଖଳାଜ୍ଞାନ ଓ ସଂସ୍କାର ର ଆବଶ୍ୟକତା ରହିଛି କ୍ଷ ଶୃଙ୍ଖଳା ସହ ଉଚ୍ଚକୋଟିର ଚିନ୍ତାଧାରା ବିଦ୍ୟାର୍ଥୀ ଙ୍କୁ ସଫଳତା ର ଶୀର୍ଷରେ ପହଞ୍ଚାଇଥାଏ ଓ ସଫଳତା ର ପ୍ରତ୍ୟେକ ପାହାଚ ଶୃଙ୍ଖଳାର ଭିତ୍ତି ଉପରେ ଦଣ୍ଡାୟମାନ ବୋଲି ବେଲପଡ଼ା ସ୍ଥିତ ଆସ୍ଥା ପବ୍ଲିକସ୍କୁଲ ପରିସରରେ ଅନୁଷ୍ଠିତ ୧୭ ତମ ବାର୍ଷିକ ଉତ୍ସବ ରେ ସ୍ୱତନ୍ତ୍ର ଅତିଥି ଭାବରେ ପାଟଣାଗଡ଼ ଉପଖଣ୍ଡିୟ ପୋଲିସ ଅଧିକାରୀ ସଦାନନ୍ଦ ପୁଜାହାରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ।ସେହିପରି ମୁଖବ୍ୟକ୍ତା ଭାବରେ ଡକ୍ଟର ସୁଜିତ୍ କୁମାର ପୃଷ୍ଟେଠ , ପ୍ରଫେସର ଅର୍ଥନୈତିକ ବିଭାଗ ଆଇ ଆଇ ଏମ୍ ସମ୍ବଲପୁର ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ଆଶାର ସ୍ୱପ୍ନ ଦେଖିବାକୁ ହେଲେ କଠିନ ପରିଶ୍ରମ କରିବାକୁ କହିବା ସହ ଛାତ୍ରୀ ଛାତ୍ର କର୍ମତତ୍ପର ହୋଇ ଗୁରୁ ଙ୍କୁ ସମ୍ମାନ ଦେଇ ସାନ୍ନିଧ୍ୟ ପାଇବା କୁ କହିଥିଲେ ।ତତ୍ ସହ ଆଧୁନିକ ଶିକ୍ଷ୍ୟା ବ୍ୟବସ୍ଥାରେ artificial intelligence ra (କୃତିମ ବୁଦ୍ଧିମତା)ର ବ୍ୟବହାର ସହ ଛାତ୍ରିଛାତ୍ର , ଅଭିଭାବକ, ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଥିବା ବେଳେ ସ୍କୁଲ କମିଟି ମଧ୍ୟ ବ୍ୟବସାୟିକ ଲାଭ କୁ ନଦେଖି ଛାତ୍ରୀ ଛାତ୍ରଙ୍କ ଶାରୀରିକ, ମାନସିକ, ବୈଦିକ, ଆଧ୍ୟାତ୍ମିକ ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଶନିବାର ଆସ୍ଥା ପବ୍ଲିକ ସ୍କୁଲ,ବେଲପଡ଼ା ପରିସର ରେ ବରିଷ୍ଠ ଶିକ୍ଷକ ସିଦ୍ଧେଶ୍ୱର ମେହେର ଙ୍କ ପରିଚାଳନା ଓ ପ୍ରିନ୍ସିପଲ୍ ମୃଣ୍ମୟ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେର,ମୁଖ୍ୟ ବକ୍ତା ଭାବରେ ଡକ୍ଟର ସୁଜିତ୍ କୁମାର ପୃଷ୍ଟେଠ , ସ୍ୱତନ୍ତ୍ର ଅତିଥି ସଦାନନ୍ଦ ପୁଜାହାରୀ ଏସଡିପିଓ ସମ୍ମାନିତ ଅତିଥି ଭାବରେ ଶଙ୍କର ପ୍ରସାଦ ଜୈନ ପୂର୍ବତନ ଚେୟାରମେନ ଆସ୍ଥା ପବ୍ଲିକ ସ୍କୁଲ,ଚେୟାରମେନ ଅନନ୍ତ ଜୈନ,ବିଷ୍ଣୁ ପ୍ରସାଦ କେଡିଆ (ସମାଜ ସେବୀ ), ଦୈତାରି ପୁଝାରୀ ଶିକ୍ଷ୍ୟାବିଦ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପରେ ବିଦ୍ୟାଳୟ ର କୃତି ଛାତ୍ରୀ ଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ ପରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯକ୍ରମ ମାନ ହୋଇଥିଲା ଶେଷରେ ଶିକ୍ଷକ ଚିନ୍ମୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯକ୍ରମ କୁ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଜିଲ୍ଲାରେ ୯୯ ପ୍ରତିଶତ ଜଳସେଚନ ସୁବିଧା ଦେଇ ଚାଷୀଙ୍କ ବିକାଶ କରାଯିବ ମୁଖ୍ୟମନ୍ତ୍ରୀ

ନୂଆପଡ଼ା (ମାନିସ) : ନୂଆପଡ଼ା ଜିଲ୍ଲା ଗଠନ ପରେ ନିରନ୍ତର ବିକାଶ ପଥରେ ଆଗେଇ ଚାଲିଛି ଆଗକୁ ଆହୁରି ସମୃଦ୍ଧ ଓ ବିକଶିତ ହେବ। କୃଷିପ୍ରଧାନ ଜିଲ୍ଲାରେ ଜଳସେଚନ ଆବଶ୍ୟକ ରହିଛି। ନୂଆପଡା ଜ?ିଲ୍ଲାରେ ଜଳସେଚନ ପାଇଁ ବହୁ ସୁବିଧା ରହିଛି। ନଦୀ, ନାଳ, ଝରଣାରେ ଚେକ୍ ଓ ଡ୍ୟାମ ନିର୍ମାଣ କରି ଚାଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା ହେବ । ଆଗକୁ ଜିଲ୍ଲାରେ ୯୯ ପ୍ରତିଶତ ଜଳସେଚନ ସୁବିଧା ଦେଇ ଚାଷୀଙ୍କ ବିକାଶ କରାଯିବ ବୋଲି ନୂଆପଡ଼ା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ସ୍ଥାନୀୟ ସିଲଦାସ୍ଥିତ ଏୟାରଷ୍ଟ୍ରିପ୍‌ରେ ସ୍ୱତନ୍ତ୍ର ବିମାନ ଯୋଗେ ଅବତରଣ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି । ସେଠାରେ ଜିଲ୍ଲା ପ୍ରଶାସନ, ବିଜେପି ଓ ଲୋକପ୍ରତିନିଧିଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ହଜାର ହଜାର ସଂଖ୍ୟାରେ ଲୋକେ ମୁଖ୍ୟମନ୍ତ୍ରୀ ଉପରକୁ ପୁଷ୍ପବୃଷ୍ଟି କରି ସ୍ୱାଗତ କରିଥିଲେ । ସନ୍ଧ୍ୟା ୭ଟାରେ ସ୍ଥାନୀୟ ମିନିଷ୍ଟାଡିୟମରେ ଆୟୋଜିତ ମାରାଗୁଡ଼ା ଲୋକମହୋତ୍ସବର ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ମୁଖ୍ୟମନ୍ତ୍ରୀ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥ୍ୟ ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି, ମୁଖ୍ୟବକ୍ତା ବିଶିଷ୍ଟ ଲେଖକ ଓ ପ୍ରବକ୍ତା ଦାଶ ବେନହୁର, ସମ୍ମାନିତ ଅତିଥି କଳାହାଣ୍ଡି ସାଂସଦ ମାଳବିକା ଦେବୀ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ, ନୂଆପଡ଼ା ଜିଲ୍ଲା କଳା, ସାହିତ୍ୟ, ସଂସ୍କୃତିର ବାର୍ତ୍ତାବହ । ଏହି ଜିଲ୍ଲାର ଇତିହାସ ଅତି ପ୍ରାଚୀନ । ସିନ୍ଧୁ ସଭ୍ୟତା ଭଳି ମାରାଗୁଡ଼ା ବି ବହୁ ପ୍ରାଚୀନ। ସିନ୍ଧୁ ସଭ୍ୟତା ସହ ତାଳ ମିଳାଇ ଗଢି ଉଠିଥିଲା ମାରାଗୁଡ଼ା । ମହେଞ୍ଜୋଦାରୋ ଭଳି ବିତ୍ତଶାଳୀ ଥିଲା । ପ୍ରତ୍ନତତ୍ତ୍ୱ ବିଭାଗ ଖନନରୁ ରାଜପ୍ରସାଦ, ଦୁର୍ଗ ମିଳିଛି ବୋଲି ମୁଖମନ୍ତ୍ରୀ କହିଥିଲେ।



## ସମ୍ବଲପୁର ରେଳମଣ୍ଡଳରେ ନୂତନ ମଣ୍ଡଳ ରେଳ ପ୍ରବନ୍ଧକ



ସମ୍ବଲପୁର : ଶ୍ରୀ ସୁବାଷ ଚନ୍ଦ୍ର ଚୌଧୁରୀ ୪ ଏପ୍ରିଲ ୨୦୨୫ରେ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳରେ ନୂତନ ମଣ୍ଡଳ ରେଳ ପ୍ରବନ୍ଧକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଚୌଧୁରୀ ଭାରତୀୟ ରେଳବାଇ ବୈଦ୍ୟୁତିକ ଇଞ୍ଜିନିୟର ସେବାର ୧୯୯୫ ବ୍ୟାଚ୍ ଅଧିକାରୀ। ସେ ଏଚ୍‌ବିଟିଆଇ କାନପୁରରୁ ବୈଦ୍ୟୁତିକ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଏବଂ ଆଇଆଇଟି ରୁର୍‌କୀରୁ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଏହି ପଦବୀ ପୂର୍ବରୁ ଶ୍ରୀ ଚୌଧୁରୀ, ଉତ୍ତର-ପୂର୍ବ ରେଳପଥ, ଗୋରଖପୁରରେ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର, ନିର୍ମାଣ ଭାବରେ କାର୍ଯ୍ୟ କରୁଥିଲେ। ଶ୍ରୀ ଚୌଧୁରୀ ଧନବାଦ ରେଳମଣ୍ଡଳରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଗତିଶକ୍ତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଦାନାପୁର, ଭୁବନେଶ୍ୱର ଏବଂ ଅମ୍ବାଲାଠାରେ ବିଭିନ୍ନ ବିଦ୍ୟୁତୀକରଣ ପ୍ରକଳ୍ପରେ କାର୍ଯ୍ୟ କରିବା ସହିତ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ରୁଟ୍‌ର ବିଦ୍ୟୁତୀକରଣ କାର୍ଯ୍ୟରେ ତାଙ୍କର ବିସ୍ତୃତ ଅଭିଜ୍ଞତା ରହିଛି। ଶ୍ରୀ ଚୌଧୁରୀ ଜିଆଓଟଙ୍ଗ ବିଶ୍ୱବିଦ୍ୟାଳୟ, ବେଜିଂ, ଇନ୍‌ସିପ୍ ସିଙ୍ଗାପୁର, ଆଇସିଏଲଆଇଏଫ୍ ମାଲେସିଆ ଏବଂ ଆଇଏସ୍‌ବି ମୋହାଲିରେ ଅନୁଷ୍ଠିତ ବିଭିନ୍ନ ତାଲିମ କାର୍ଯ୍ୟକ୍ରମଗୁଡ଼ିକରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି।

## ‘ଓଡ଼ିଆ ପକ୍ଷ’ ପାଳନ ଅବସରରେ ଗଣଦୌଡର କାର୍ଯ୍ୟକ୍ରମ ଅନୁଷ୍ଠିତ



ରାୟଗଡ଼ (ମାନିସ) : ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ଦିବସ (୧ ଏପ୍ରିଲ ) ଠାରୁ ମହାବିଷୁବ ସଙ୍କ୍ରାନ୍ତି (୧୪ ଏପ୍ରିଲ ) ପର୍ଯ୍ୟନ୍ତ ସମୟକୁ ‘ଓଡିଆ ପକ୍ଷ ୨୦୨୫‘ ଭାବେ ପାଳନ ଅବସରରେ ଆଜ ତା ୦୫.୦୪.୨୦୨୫ ତାରିଖ ଶନିବାର ଦିନ ସକାଳେ ଏକ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ କ୍ରୀଡା ଓ ଯୁବ ସାଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଦ୍ୱାରା ୦୫/୦୪/୨୫ ତାରିଖ ସକାଳ ୦୫.୩୦ ସମୟରେ ରାୟଗଡ଼ା ସହରରେ ସ୍ଥିତ କାଳୀ ମନ୍ଦିର ଛକ ଠାରୁ ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ ଯୋଗଦାନ କରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଗଣ ଦୌଡ଼ରେ ଅଂଶଗ୍ରହଣକାରୀ ପ୍ରଥମେ ପଞ୍ଜିକରଣ ପରେ ଐତିହ ଗଣ ଦୌଡ (ୱାକାଥନ) ପ୍ରାରମ୍ଭ ହୋଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଡିଆଇପିଆର ଓ ବସନ୍ତ କୁମାର ପ୍ରଧାନ , ଡି ସି ଓ ସୁସ୍ମିତା ବାଉରୀଙ୍କ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଶ୍ରୀ ଚନ୍ଦ୍ର କାନ୍ତ ମାଝୀ ଯୋଗ ଦେଇଥିଲେ। ଉକ୍ତ ଗଣଦୌଡ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବ କାଳୀ ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ –ରାୟାଗଡା ଆର.ଟିଓ ଅଫିସ୍ – ସରସ୍ୱତୀ ଶିଶୁ ମନ୍ଦିର – ପ୍ରେମ ପାହାଡା – ଲାଇଂସକ୍ଲବ ଦେଇ ପରିଶେଷରେ ରାୟଗଡାର ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ସମାପ୍ତ ହେଇଥିଲା। ତା’ପରେ ଉତ୍ସବଟି ଉଦଯାପନ ସହ ସମସ୍ତ ଅଂଶଗ୍ରହଣକାରୀ ସକାଶେ ଜଳପାନର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ଗଣଦୌଡର କାର୍ଯ୍ୟକ୍ରମରେ ଏଡିଏମ ଶ୍ରୀ ନାୟକ, ପିଏଆଇ ଟିଡିଏ ଶ୍ରୀ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କାଳୁଚରଣ ମାଝୀ, କର୍ମକର୍ତ୍ତା ଓ ସହ କର୍ମକର୍ତ୍ତା ବୃନ୍ଦ, ଡିସି ଓ ସହ କର୍ମକର୍ତ୍ତା ବୃନ୍ଦ, କ୍ରୀଡାବିତ୍, ୱାକର୍ଶ କ୍ଲବ ସଦସ୍ୟମାନେ, ବୁଦ୍ଧିଜୀବୀ, ଜନସାଧାରଣ, ଉମେନ୍ସ କଲେଜର ବିଦ୍ୟାର୍ଥୀମାନେ, ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯୋଗଦାନ କରିଥିଲେ ।

## ଅଗ୍ନିକାଣ୍ଡରେ ସର୍ବସ୍ୱ ପୋଡ଼ି ପାଉଁଶ ହୋଇଗଲା ଘର



ଧାମନଗର (ମାନିସ) : ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଂଚାୟତର ମମାଦୁଲା ଗ୍ରାମର ସୁଦର୍ଶନ ନାୟକଙ୍କର ଗୋଟେ ବଡ ବଖରା ଘର ଅଗ୍ନିକାଣ୍ଡ ସର୍ବସ୍ୱ ପୋଡ଼ି ପାଉଁଶ ହୋଇ ଯାଇଛି। ପ୍ରକାଶ ଥାଉକି ସୁଦର୍ଶନ ଓ ତାଙ୍କ ସ୍ତ୍ରୀ ଏକ ସପ୍ତାହ ତଳେ ହାଇଦ୍ରାବାଦ ଯାଇଛନ୍ତି।ଘରେ ନିଜର ମୋଟର ସାଇକେଲ, ଫ୍ରିଜ୍ ଆଲମିରା, ଶାଇକେଲ, ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ ବାସନ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ରଖି ଚାବି ପକାଇ ଯାଇଥିଲେ। ମାତ୍ର ଶୁକ୍ରବାର ରାତି ୧୧ ଟା ସମୟରେ ତାଙ୍କ ଘର ପୁରା ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ଧାମନଗରରୁ ଦମକଳ ବାହିନୀ ପହଞ୍ଚିବା ବେଳେ ସବୁ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଦୁଃଖ କଷ୍ଟରେ ମୂଲ ମଜୁରୀ ଲାଗି ଯାହା ଘର ସାମଗ୍ରୀ କରି ଘରେ ସାଇତି ରଖିଥିଲେ କିଛି ମୁହୂର୍ତ୍ତରେ ତାହା ପୋଡି ପାଉଁଶ ହୋଇ ଯାଇଥିଲା। ପୁଣି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଏହି ଦୁଃଖଦ ଘଟଣା ଶୁଣି ସ୍ୱାମୀ ସ୍ତ୍ରୀ ଘରକୁ ଫେରି କେବଳ ପାଉଁଶକୁ ଦେଖି ଗୁମୁରି ଗୁମୁରି କାନ୍ଦୁଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ନଦୀଗାଁ ଆର.ଆଇ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ପଲିଥିନ ଯୋଗାଇ ଦେଇଛନ୍ତି। ତେବେ ଆବଶ୍ୟକ କାଗଜ ପତ୍ର ଯୋଗାଇ ଦେବାପରେ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଆର.ଆଇ କହିଛନ୍ତି ।

## ଚେନ୍ନାଇରେ ଆୟୋଜିତ ହେଲା ୱେଭ୍ସ ଆନିମେ ଓ ମାଙ୍ଗା ପ୍ରତିଯୋଗିତା

ଚେନ୍ନାଇ (ପିଆଇବି) : ୱେଭ୍ସ ଆନିମେ ଓ ମାଙ୍ଗା ପ୍ରତିଯୋଗିତା (ୱାମ୍) ଚେନ୍ନାଇ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ତାମିଲନାଡୁ ଏବଂ ପୁଡୁଚେରୀର ୯୦ ଜଣ ପ୍ରତିଭାସମ୍ପନ୍ନ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାକ୍ରମ ଉତ୍ସାହ ଏବଂ କାହାଣୀ ବର୍ଣ୍ଣନାର ଚମତ୍କାର ଦେଖିବାକୁ ମିଳିଥିଲା। ମିଡିଆ ଓ ଏଣ୍ଟରଟେନମେଣ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏମଇଏଆଇ), ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ କର୍ଣ୍ଣବତୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱାମର ଏହି ସଂସ୍କରଣ ଆୟୋଜନ କରାଯାଇଥିଲା। ଭାରତର ପ୍ରତିଭାସମ୍ପନ୍ନ ସୃଜନଶୀଳ ତାରକାମାନଙ୍କୁ ପ୍ରୋତ୍ସାହନ ଦେବା ଲାଗି ଏହି କାର୍ଯ୍ୟକ୍ରମ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲା। ‘‘କ୍ରିଏଟ୍ ଇନ୍ ଇଣ୍ଡିଆ’’ ପ୍ରୟାସ ଅଧୀନରେ ପୂର୍ବରୁ ଗୌହାଟୀ, କୋଲକାତା, ଭୁବନେଶ୍ୱର, ବାରାଣସୀ, ମୁମ୍ବାଇ, ନାଗପୁର ଓ ଅହମ୍ମଦାବାଦରେ ୱାମ୍ ଆୟୋଜିତ ହୋଇସାରିଛି । ଚେନ୍ନାଇରେ ଅନୁଷ୍ଠିତ ପ୍ରତିଯୋଗିତରେ ମଧ୍ୟ ପ୍ରତିଯୋଗୀମାନେ ଜାପାନୀ ଷ୍ଟାଇଲ୍ କମିକ୍ସ ମାଙ୍ଗା, ଡିଜିଟାଲ ଭର୍ଟିକାଲ କମିକ୍ସ ୱେବଟୁନ୍?, ଜାପାନୀ ଆସ୍ଥେଟିକ୍ସ ଦ୍ୱାରା ଅନୁପ୍ରାଣିତ ଆନିମେସନ ଆନିମେ, ଭଏସ ଆକ୍ଟିଂ ଆଦିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିଜେତାମାନଙ୍କୁ ବିଭିନ୍ନ ଉପହାର ସହିତ ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। ବିଜେତା ଆନିମେ ପ୍ରକଳ୍ପଗୁଡ଼ିକ ହିନ୍ଦୀ, ଇଂରାଜୀ ଓ ଜାପାନୀ ଭାଷାରେ ଡବିଂ କରାଯିବ। ଏମଇଏଆଇ ସମେତ ବିଭିନ୍ନ ପେସାଦାର ଅନୁଷ୍ଠାନର ଅଭିଜ୍ଞ ବିଚାରକମାନେ ୱାମ୍‌ର ବିଜେତାମାନଙ୍କୁ ଚୟନ କରିଥିଲେ। ସୂଚନାଯୋଗ୍ୟ ଆସନ୍ତା ମଇ ୧ରୁ୪ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଏହାର ଅଂଶବିଶେଷ ସ୍ୱରୂପ ୱାମ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।



କଟକ ଚାନ୍ଦିନୀଚୌକ ପୂଜାମଣ୍ଡପରେ ଅଶୋକାଷ୍ଟମୀ ପୂଜା (ଫଟୋ : ମାତୃଭାଷା)

## ବୋଲେର ସ୍କୁଟି ମୁହାଁ ମୁହିଁ; ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର



ବଲାଣି (ମାନିସ): ମୃତ୍ୟୁ କେତେବେଳେ ଯେ କୁଆଡୁ ଆସିବ ତାହା କିଏବା କହିବ ? ସ୍ତ୍ରୀ ଆଗରେ ଚାଲିଗଲା ସ୍ୱାମୀର ଜୀବନ, ଏମିତି ଏକ ଦୁଃଖଦ ଭରା ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ବଡ଼ବିଲ ରେଳ ସାଇଡିଂ ୱେବ୍ରିଜ ନିକଟରେ, ଗତ ରାତିରେ ଏକ ବୋଲେରୋ ଧକ୍କାରେ ସ୍କୁଟିରେ ବଡବିଲ ଅଭିମୁଖେ ଆସୁଥିବା ଶଙ୍ଖଝରେ ଗ୍ରାମର ଅର୍ଜୁନ ଲାଗୁରୀ ଓ ତାଙ୍କ ସ୍ତ୍ରୀ ଶ୍ରୀ ଚମନ୍ ଲାଗୁରୀ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଏକ ସ୍କର୍ପିଓ ଯୋଗେ ବଡବିଲ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିବା ବେଳେ ଚମନ୍ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣା ପଡିଛି। ଅନ୍ୟ ପକ୍ଷରେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ବୋଲେର ଫେରାର ହୋଇଥିବା ବେଳେ ପୋଲିସ ଏହି ଦୁର୍ଘଟଣା ଘଟାଇଥିବା ଓଡ଼ି୦୯ ଭି ୯୨୯୭ ନମ୍ବର ବିଶିଷ୍ଟ ବୋଲେରକୁ ଜବତ୍ କରିଛି। ଆଜି ବଡବିଲ ମେଡିକାଲରେ ମୃତ ଅର୍ଜୁନଙ୍କ ଶବ ବ୍ୟବଚ୍ଛେଦ କରା ଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ରହିଛି।

## ଓଡ଼ିଆ ପକ୍ଷ ପାଳନ ଅବସରର ପଞ୍ଚମ ଦିନରେ ଐତିହ୍ୟ ଗଣଦୌଡ଼ର ଆୟୋଜନ

ବାଲେଶ୍ୱର (ମାନିସ) : ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଉଛି ଐତିହ୍ୟ ଗଣଦୌଡ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର କରି ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ପଞ୍ଚମ ଦିବସରେ ଆଜି ବାଲେଶ୍ୱର ଜିଲ୍ଲା ସଦର ମହକୁମା ସ୍ଥିତ ଶାନ୍ତିକାନନ ଠାରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବସାଇଟ୍ (ଓଡ଼ିଆପକ୍ଷ.କମ୍)ରେ ଅପଲୋଡ଼ ମଧ୍ୟ କରିଥିଲେ।ଆଜିର କାର୍ଯ୍ୟକ୍ରମରେ ବିଧାୟକ ସଦର ମାନସ ଦତ୍ତ, ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଅଧକ୍ଷା ବାଲେଶ୍ୱର ପୌରପାଳିକା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ବାରିପଦାଠାରେ ଐତିହ୍ୟ ୱାକାଥନ ଅନୁଷ୍ଠିତ



ବାରିପଦା : ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ପକ୍ଷ ପାଳନର ପଞ୍ଚମ ଦିବସରେ ଆଜି ଏକ ଐତିହ୍ୟ ୱାକାଥନ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ୱାକାଥନକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଧର୍ମାନନ୍ଦ ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାଏକ ବାରିପଦା ଷ୍ଟାଡିଅମ ପଡିଆ ଠାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ସୁଭାଶିଷ ନାୟକ ଙ୍କ ତତ୍ୱାତତ୍ତ୍ୱ ବଧାନ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ କ୍ରୀଡା ଛାତ୍ରାବାସର ଅଧିକ୍ଷକ ଶ୍ରୀଯୁକ୍ତ ଅବନୀ ମୋହନ ମହାନ୍ତି ପରିଚାଳନା କରିଥିଲେ। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଭାଗିରଥି ମଲ୍ଲିକ, ମୟୂରଭଞ୍ଜ ଏଥେଲେଟିକ ଏସୋସିଏସନର ସମ୍ପାଦକ ଶ୍ରୀଯୁକ୍ତ ବିଜୟ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ର ଡିପିସି ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ଘୋଷ, ଶିକ୍ଷକ ଶ୍ରୀଯୁକ୍ତ ସୋମନାଥ ସିଂ, ଭଂଜପୁର ପୋଲିସ ଷ୍ଟେସନର ଆଇ ଆଇ ସି ଶ୍ରୀଯୁକ୍ତ ଅଜୟ କୁମାର ଜେନା,ଅବସର ପ୍ରାପ୍ତ ବରିଷ୍ଠ ଏଥେଲେଟିକ କୋଚ ଶ୍ରୀଯୁକ୍ତ କୁମାର ରଞ୍ଜନ ପଣ୍ଡା ଜିଲ୍ଲା ପୋଲିସ କାର୍ଯ୍ୟାଳୟର ଶ୍ରୀଯୁକ୍ତ ନିହାର ରଞ୍ଜନ ଦଣ୍ଡପାଟ ମୟୂରଭଞ୍ଜ ଏଥେଲେଟିକ ଏସସିଏସନ ର ସଦସ୍ୟ ଶ୍ରୀଯୁକ୍ତ ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel: 2545586/2545852,
email- serifedodisha@gmail.com, website- www.serifedodisha.in
**TENDER CALL NOTICE**
**BID IDENTIFICATION NO:- VI-06(11)/SERIFED/2025-26/449** **Date: 03-04-25**
No : CAD-41
The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website: www.tendersodisha.gov.in. during the period dt. 07.04.2025 to 5.00 PM up to 15.04.2025. Tender shall be received till 5.00 PM on 15.04.2025 & shall be opened at 11.30 AM on 16.04.2025. Any addendum / corrigendum / cancellation of tender can also be seen in the said website.
MANAGING DIRECTOR
Date : 03.04.25
OIPR– 39036/11/0039/2425
MBA/25-26/0016

# ଚିପକ୍‌ରେ ଚିତ୍‌ପଟାଙ୍ଗ ଚେନ୍ନାଇ ସୁପର କିଙ୍ଗ୍‌ସ



**ଚେନ୍ନାଇ, ୫।୪:** ଆଇପିଏଲ ୨୦୨୫ ମହାସମର । ଶନିବାର ସଂଧ୍ୟାରେ ଦିଲ୍ଲୀ କ୍ୟାପିଟାଲ୍ସର ଦମଦାର ବିଜୟ । ୨୫ ରନରେ ଚେନ୍ନାଇକୁ ମାତ୍ ଦେଲା ଦଳ । ଚଳିତ ସିଜିନରେ ଡିସି ର ଏହା ଲଗାତାର ତୃତୀୟ ଜିତ୍ । ପ୍ରଥମେ ବ୍ୟାଟିଂ କରି ସିଏସକେକୁ ୧୮୪ ରନ ର ଟାର୍ଗେଟ୍ ଦେଇଥିଲା ଦିଲ୍ଲୀ ଟିମ୍ । ଚିପକର ସ୍ଲୋ-ପିଚ୍‌ରେ ବଡ଼ ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ଶେଷ ପରାସ୍ତ ହୋଇଛି । ସିଏସକେର ଏହା କ୍ରମାଗତ ତୃତୀୟ ପରାଜୟ ।

ଶନିବାର ଚେନ୍ନାଇ ସୁପର କିଙ୍ଗସ ଓ ଦିଲ୍ଲୀ କ୍ୟାପିଟାଲ୍ ମଧ୍ୟରେ ୧୭ତମ ମ୍ୟାଚ୍ ଖେଳାଯାଇଛି । ଡିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଜ୍ୟାକ୍ ଫ୍ରିଜର ଓ କେ.ଏଲ ରାହୁଲ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ । ମାତ୍ର ସିଏସକେର ଘାତକ ବୋଲିଂରେ ଦିଲ୍ଲୀକୁ ପ୍ରାରମ୍ଭିକ ଝଟକା ଲାଗିଥିଲା । ପ୍ରଥମ ଓଭରରେ ଜ୍ୟାକ୍ ଫ୍ରିଜର ଖଲିଲ୍ ଅହମ୍ମଦଙ୍କ ଶିକାର ହୋଇଥିଲେ । ଏହାପରେ ଦ୍ୱିତୀୟ ଓଭରରୁ ଚେନ୍ନାଇ ବୋଲରଙ୍କ ଉପରେ ପ୍ରହାର ଆରମ୍ଭ କରିଥିଲେ ପୋରେଲ୍ । ସେ ୨୦ଟି ବଲ୍ ଖେଳି ୩୩ ରନ ସଂଗ୍ରହ କରିଥିଲେ । ପରେ ରାହୁଲ ଦେଖାଇଥିଲେ କରିସ୍ମା । ସେ ଡିସି ପାଇଁ ଚମତ୍କାର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ସ୍ଲୋ ପିଚ୍ ?ରେ ୭୭ ରନ୍‌ର ପାଳି ଖେଳି ସିଏସକେକୁ ବ୍ୟାକ୍ ଫୁଟକୁ ଠେଲି ଦେଇଥିଲେ । ସେହିପରି ଅଧିନାୟକ ଅକ୍ଷର ପଟେଲ୍, ସମୀର ରିଜଭୀ ଓ ଖ୍ରୀଷ୍ଟନ ଷ୍ଟବ୍ସ କ୍ରମାଗତ ଭାବେ ୨୧, ୨୦ ଓ ୨୪ ରନର ଇନିଂସ ଖେଳି ଦଳଗତ ସ୍କୋରକୁ ୧୮୩ରେ ପହଞ୍ଚାଇଥିଲେ ।

ଦ୍ୱିତୀୟ ଇନିଂସରେ ୧୮୪ ରନର ଟାର୍ଗେଟ୍ କୁ ପିଛା କରିଥିଲା ଚେନ୍ନାଇ ସୁପର କିଙ୍ଗସ । ରଚିନ ରବିନ୍ଦ୍ରା ଏବଂ ଡେଭନ କନୱେଙ୍କ ଓପନିଂ ଯୋଡ଼ି ପଡ଼ିଆକୁ ଓହ୍ଲାଇଥିଲେ । ମାତ୍ର ଦ୍ୱିତୀୟ ଓଭରରେ ମୁକେଶ କୁମାର ରଚିନଙ୍କୁ ଆଉଟ୍ କରି ଘରୋଇ ଷ୍ଟାଡିମୟରେ ଚେନ୍ନାଇକୁ ଶକ୍ତ ଝଟକା ଦେଇଥିଲେ । ଏହାପରେ ଆସିଥିଲେ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ । ହେଲେ ଦଳକୁ ସଂକଟରୁ ଉଦ୍ଧାର କରିପାରିନଥିଲେ । ମାତ୍ର ୫ ରନ୍ କରି ସେ ଆଉଟ୍ ହୋଇଯାଇଥିଲେ । ଏହାପରେ କନୱେ ୧୩ ରନ୍ କରି ଡଗଆଉଟକୁ ଫେରିଥିଲେ । ବିଜୟ ଶଙ୍କର ଓ ମହେନ୍ଦ୍ର ସିଂହ ଧୋନି ଶେଷ ପର୍ଯ୍ୟନ୍ତ ରହିଥିଲେ ମଧ ଦଳକୁ ଜିତାଇବାରେ ସକ୍ଷମ ହୋଇନଥିଲେ । ସିଏସକେ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୫୮ ରନ କରିଥିଲା । ବିଜୟ ଶଙ୍କରଙ୍କ ଅର୍ଦ୍ଧଶତକ ବେକାର ହୋଇଛି । ଫଳରେ ଦିଲ୍ଲୀ କ୍ୟାପିଟାଲ୍ ୨୫ ରନରେ ବିଜୟୀ ହୋଇଛି । କେ.ଏଲ୍ ରାହୁଲ ମ୍ୟାନ୍ ଅଫ ଦି ପ୍ଲେୟାର ହୋଇଛନ୍ତି ।

- ରାହୁଲଙ୍କ ଦମ୍‌ଦାର ଅର୍ଦ୍ଧଶତକ
- ବିଜୟ ଶଙ୍କରଙ୍କୁ ଛାଡ଼ି ଚେନ୍ନାଇର ସବୁ ବ୍ୟାଟର ଫେଲ୍
- ୨୫ ରନ୍‌ରେ ଚେନ୍ନାଇକୁ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ

**ଦିଲ୍ଲୀ ଇନିଂସ: ୧୮୩/୬ (୨୦ ଓଭର)**

| | | | |
|---|---|---|---|
| ଫ୍ରେଜର ମ୍ୟାକଗର୍କ | କ୍ୟା ଅଶ୍ୱିନ ବୋ ଖଲିଲ | ୦୦ | ୦୫ |
| କେଏଲ୍ ରାହୁଲ | କ୍ୟା ଧୋନୀ ବୋ ପଥିରାଣା | ୭୭ | ୫୧ |
| ଅଭିଷେକ ପୋରେଲ | କ୍ୟା ପଥିରାଣା ବୋ ଜାଡେଜା | ୩୩ | ୨୦ |
| ଅକ୍ସର ପଟେଲ | ବୋ ନୁର | ୨୧ | ୧୪ |
| ସମୀର ରିଜଭି | କ୍ୟା ଜାଡେଜା ବୋ ଖଲିଲ | ୨୦ | ୧୫ |
| ଟ୍ରିଷ୍ଟାନ ଷ୍ଟବ୍ସ | ଅପରାଜିତ | ୨୪ | ୧୨ |
| ଆଶୁତୋଷ ଶର୍ମା | ରନଆଉଟ୍ | ୦୧ | ୦୧ |
| ଭିପରାଜ ନିଗମ | ଅପରାଜିତ | ୦୧ | ୦୨ |
| ଅତିରିକ୍ତ | | ୦୬ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଖଲିଲ ଅହମ୍ମଦ | ୪ | ୦ | ୨୫ | ୨ |
| ମୁକେଶ ଚୌଧୁରୀ | ୪ | ୦ | ୫୦ | ୦ |
| ରବିଚନ୍ଦ୍ରନ ଅଶ୍ୱିନ | ୩ | ୦ | ୨୧ | ୦ |
| ରବୀନ୍ଦ୍ର ଜାଡେଜା | ୨ | ୦ | ୧୯ | ୧ |
| ନୁର ଅହମ୍ମଦ | ୩ | ୦ | ୩୬ | ୧ |
| ମଥିସା ପଥିରାଣା | ୪ | ୦ | ୩୧ | ୧ |

**ଚେନ୍ନାଇ ଇନିଂସ: ୧୫୮/୫ (୨୦ ଓଭର)**

| | | | |
|---|---|---|---|
| ରଚିନ ରବିନ୍ଦ୍ର | କ୍ୟା/ବୋ ମୁକେଶ | ୦୩ | ୦୬ |
| ଡେଭନ କନୱେ | କ୍ୟା ଅକ୍ସର ବୋ ବିପରାଜ | ୧୩ | ୧୪ |
| ଋତୁରାଜ ଗାଏକ୍ୱାର୍ଡ | କ୍ୟା ମ୍ୟାକଗର୍କ ବୋ ଷ୍ଟାର୍କ | ୦୫ | ୦୪ |
| ବିଜୟ ଶଙ୍କର | ଅପରାଜିତ | ୬୯ | ୫୪ |
| ଶିବମ ଦୁବେ | କ୍ୟା ଷ୍ଟବ୍ସ ବୋ ବିପରାଜ | ୧୮ | ୧୫ |
| ରବୀନ୍ଦ୍ର ଜାଡେଜା | ଏଲବି ବୋ କୁଲଦୀପ | ୦୨ | ୦୩ |
| ଏମ ଏସ ଧୋନୀ | ଅପରାଜିତ | ୩୦ | ୨୬ |
| ଅତିରିକ୍ତ | | ୧୮ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମିଚେଲ ଷ୍ଟାର୍କ | ୪ | ୦ | ୨୭ | ୧ |
| ମୁକେଶ କୁମାର | ୪ | ୦ | ୩୬ | ୧ |
| ମୋହିତ ଶର୍ମା | ୩ | ୦ | ୨୭ | ୦ |
| ବିପରାଜ ନିଗମ | ୪ | ୦ | ୨୭ | ୨ |
| କୁଲଦୀପ ଯାଦବ | ୪ | ୦ | ୩୦ | ୧ |
| ଅକ୍ସର ପଟେଲ | ୧ | ୦ | ୦୫ | ୦ |

## ଜରିମାନା ଗଣିଲେ ପନ୍ତ



**ଲକ୍ଷ୍ନୌ, ୫।୪:** ମ୍ୟାଚ୍ ଜିତିଲେ ଲକ୍ଷାଧିକ ଟଙ୍କା ଜରିମାନା ଗଣିଲେ ଲକ୍ଷ୍ନୌ ଅଧିନାୟକ ଋଷଭ ପନ୍ତ । ଦଳ କରିଥିବା ଭୁଲ ପାଇଁ ଋଷଭ ପନ୍ତଙ୍କୁ ଫାଇନ ଗଣିବାକୁ ପଡ଼ିଛି । ମନ୍ଥର ବୋଲିଂ ପାଇଁ ବିସିସିଆଇ ଋଷଭ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲଗାଇଛି ।

ପନ୍ତଙ୍କୁ ଫାଇନ୍- ଚଳିତ ସିଜନରେ ଲକ୍ଷ୍ନୌ ଦଳର ନେତୃତ୍ୱ ନେଇଛନ୍ତି ପନ୍ତ । ୱିକେଟ କିପର ବ୍ୟାଟର ଋଷଭଙ୍କ ପ୍ରଦର୍ଶନ ଏଯାବତ କିଛି ଭଲ ନାହିଁ । ୪ଟି ମ୍ୟାଚରେ ମାତ୍ର ୧୯ ରନ କରିଛନ୍ତି । ଏହାରି ଭିତରେ ତାଙ୍କୁ ଦଣ୍ଡିତ କରାଯାଇଛି । ମୁମ୍ବାଇ ବିପକ୍ଷ ମ୍ୟାଚରେ ସ୍ଲୋ ଓଭର ବୋଲିଂ ପାଇଁ ଦଣ୍ଡିତ ହୋଇଛନ୍ତି ପନ୍ତ । ତାଙ୍କୁ ୧୨ ଲକ୍ଷ ଟଙ୍କାର ଫାଇନ ହୋଇଛି । ଚଳିତ ସିଜନରେ ଦଣ୍ଡିତ ହେବାରେ ସେ ତୃତୀୟ ଅଧିନାୟକ । ତାଙ୍କ ପୂର୍ବରୁ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ରାଜସ୍ଥାନ କ୍ୟାପଟ୍ନେ ରିୟାନ ପରାଗ ଦଣ୍ଡିତ ହୋଇ ସାରିଛନ୍ତି ।

ଦିଗଭେଶଙ୍କ ୫୦% ଫିସ୍ କଟିଲା- ଋଷଭ ପନ୍ତଙ୍କ ସହିତ ଦଳର ବୋଲର ଦିଗଭେଶ ରାଠିଙ୍କୁ ଜରିମାନା ଭରିବାକୁ ପଡ଼ିବ । ତାଙ୍କ ମ୍ୟାଚ ଫିର ୫୦% କଟିଛି । ୱିକେଟ ନେବା ପରେ ବ୍ୟାଟରଙ୍କୁ ପାଭିଲିୟନ ଚାଲିଯାଅ ଦର୍ଶାଇ ହାତରେ ନୋଟବୁକ୍ ଲେଖିବା ପରେ ଇଙ୍ଗିତ କରିବାକୁ ରାଠିଙ୍କୁ ଫାଇନ୍ ପଡ଼ିଛି । ଏହା ପୂର୍ବରୁ ମଧ ରାଠିଙ୍କୁ ଏ ନେଇ ଦଣ୍ଡିତ କରିଥିଲା ବିସିସିଆଇ । ମୁମ୍ବାଇ ବିପକ୍ଷରେ ଘାତକ ସାବ୍ୟସ୍ତ ହୋଇଥିଲେ । ୪ ଓଭର ବୋଲିଂ କରି ୨୧ ରନ ଦେଇ ୨ ୱିକେଟ ନେଇଥିଲେ । ଆଇପିଏଲ ମେଗା ନିଲାମୀରେ ଲକ୍ଷ୍ନୌ ତାଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଥିଲା ।

**ପୁଣି କଟିଲା ଦିଗଭେଶଙ୍କ ଫିସ୍**

ଶୁକ୍ରବାର ଘରୋଇ ଗ୍ରାଉଣ୍ଡରେ ଲକ୍ଷ୍ନୌ ସୁପରଜାଏଣ୍ଟସ ମୁମ୍ବାଇ ବିପକ୍ଷରେ ଏକ ମ୍ୟାଚ ଖେଳିଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୦୩ ରନ କରିଥିଲା ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ସୁପରଜାଏଣ୍ଟସ । ୨୦୪ ରନ ଟାର୍ଗେଟ ପିଛା କରି ମୁମ୍ବାଇ ମାତ୍ର ୧୯୧ ରନ କରିବାକୁ ସକ୍ଷମ ହୋଇଥିଲା । ୧୨ ରନରେ ମ୍ୟାଚ ଜିତି ନେଇଥିଲା ଲକ୍ଷ୍ନୌ । ଚଳିତ ସିଜନରେ ଏଯାବଦ ଲକ୍ଷ୍ନୌ ୪ଟି ମ୍ୟାଚ ଖେଳିଛି । ୨ଟି ବିଜୟ ସହ ପଏଣ୍ଟ ଟେବୁଲ ଷଷ୍ଠ ସ୍ଥାନରେ ରହିଛି ଦଳ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼

**ଭୁବନେଶ୍ୱର, ୫।୪:** ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା । ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ହେଉଛି ଆଜିର ଗଣଦୌଡ଼ର ମୁଖ୍ୟ ଲକ୍ଷ୍ୟ । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମ ଥର କରି ପାଳନ କରାଯାଉଥିବା ଓଡ଼ିଆ ପକ୍ଷ ଏବଂ ଆଜିର ଗଣଦୌଡ଼ରେ ସାମିଲ ହୋଇ ସମସ୍ତ ଐତିହ୍ୟସ୍ଥଳୀର ସଂରକ୍ଷଣ କରିବା ସହିତ ଆମ ଓଡ଼ିଶାର କଳା-ଶିଳ୍ପ-ସ୍ଥାପତ୍ୟ-ଐଶ୍ୱର୍ଯ୍ୟକୁ ପୁନଶ୍ଚ ବିଶ୍ୱବିଦିତ କରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ବୋଲି କହିଛନ୍ତି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ଆଜି ଓଡ଼ିଆ ପକ୍ଷ ପାଳନର ପଂଚମ ଦିବସ ଅବସରରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହା ଭୁବନେଶ୍ୱରର ଖଣ୍ଡଗିରି ଠାରୁ ଆରମ୍ଭ କରି କଳିଙ୍ଗ ଷ୍ଟୁଡ଼ିଓ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

ଖଣ୍ଡଗିରିର ଗୌରବମୟ ଇତିହାସକୁ ଜୀବନ୍ତ କରି ଗଢ଼ି ତୋଳିବା ପାଇଁ ଏହି ଗଣଦୌଡ଼ରେ ଆଜି ଶହଶହ ଲୋକ ସାମିଲ ହୋଇଥିଲେ । ଏଥିସହିତ ଓଡ଼ିଆ ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବା ସହିତ ସମସ୍ତେ ଆଜି ଓଡ଼ିଆ ପିଠାପଣା ଖାଇ ଅତ୍ୟନ୍ତ ଆନନ୍ଦର ସହିତ ଏହି ଗଣଦୌଡ଼ ଉତ୍ସବକୁ ପାଳନ କରିଥିଲେ । ଏଥିସହିତ ଖଣ୍ଡଗିରିର ସୌନ୍ଦର୍ଯ୍ୟ ଏବଂ ବୈଭବକୁ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବସାଇଟ୍ (ଓଡ଼ିଆପକ୍ଷ. କମ୍)ରେ ଅପଲୋଡ଼ ମଧ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ବିଶିଷ୍ଟ ରାଜନେତା ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ଶ୍ରୀ ଜଗନ୍ନାଥ ପ୍ରଧାନ, ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାର ଶ୍ରୀ ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।



**ସାମିଲ ହେଲେ ଶହଶହ ଲୋକ**

## ବିଶ୍ୱ ବକ୍ସିଂ କପ୍ ଫାଇନାଲ୍‌ରେ ହିତେଶ

**ନୂଆଦିଲ୍ଲୀ, ୫।୪:** ବ୍ରାଜିଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍‌ର ଫାଇନାଲ୍‌ରେ ପହଞ୍ଚି ଜାତୀୟ ବିଜେତା ହିତେଶ ଇତିହାସ ରଚିଛନ୍ତି । ପ୍ରଥମ ଭାରତୀୟ ଭାବେ ସେ ଏହି ଗୌରବ ପାଇଛନ୍ତି । ୭୦ କେଜି ସେମି ଫାଇନାଲ୍‌ରେ ହିତେଶ ୫-୦ରେ ଫ୍ରାନ୍ସର ମାକନ ଟ୍ରାଓରେଙ୍କୁ ହରାଇ ଦେଇଛନ୍ତି । ଫାଇନାଲ୍‌ରେ ସେ ଇଂଲଣ୍ଡର ଓଡେଲ କାମାରାଙ୍କୁ ଭେଟିବେ । ତେବେ ସେମିଫାଇନାଲ୍‌ରେ ପହଞ୍ଚିଥିବା ଯଦୁମଣି ସିଂହ ମଣ୍ଡେଙ୍ଗବାମ (୫୦ କେଜି) କଡ଼ା ସଂଘର୍ଷ କରି ୨-୩ରେ ପୂର୍ବତନ ୨୨ ବର୍ଷରୁ କମ୍ ଏସୀୟ ବିଜେତା ଉଜବେକିସ୍ତାନର ଆସିଲବେକ୍ ଜାଲିଲୋଭଙ୍କଠୁ ହାରିଯାଇଥିଲେ । ସେହିଭଳି ବିଶାଳ (୯୦ କେଜି) ୦-୫ରେ ଉଜବେକିସ୍ତାନର ତୁରାବେକ ଖାବିବୁଲ୍ଲାଏଭ ଓ ସଚିନ (୬୦ କେଜି) ପୋଲାଣ୍ଡର ପାୱେଲ ବ୍ରାକ୍‌ଙ୍କଠୁ ହାରିଯାଇଛନ୍ତି ।



**ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖୁସି ଖବର**

# ଖୁବ୍‌ଶୀଘ୍ର ପଡ଼ିଆକୁ ଫେରିବେ ବୁମରା

**ବେଙ୍ଗାଲୁରୁ, ୫।୪:** ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସି ଖବର । ଗତ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ଆହତ ହୋଇଥିବା ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମରାଙ୍କୁ ଖୁବ୍ ଶୀଘ୍ର କ୍ରିକେଟ୍ ଗ୍ରାଉଣ୍ଡରେ ଦେଖିବାକୁ ମିଳିବ । ସେ ସମ୍ପ୍ରତି ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍ ?ସିଏ) ରେ ପୂର୍ଣ୍ଣ ଫିଟ୍‌ନେସ୍ ଫେରି ପାଇବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ଗତ କିଛି ଦିନ ହେଲା ସେ ନିୟମିତ ଭାବେ ବୋଲିଂ ଅଭ୍ୟାସ କରୁଛନ୍ତି । ଏନ୍‌ସିଏ ପକ୍ଷରୁ ତାଙ୍କ କାର୍ଯ୍ୟଭାର ବୃଦ୍ଧି କରାଯାଇଛି । ସେ ଖୁବ୍ ଶୀଘ୍ର ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେବାର ସମ୍ଭାବନା ରହିଥିବା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରକାଶ କରିଛନ୍ତି ।

**ଅନ୍ତିମ ପର୍ଯ୍ୟାୟରେ ଫିଟ୍‌ନେସ୍**

ବୁମରା ସିଡନୀରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ଆହତ ହୋଇଥିଲେ । ବୋଲିଂ ବେଳେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ । ସ୍ୱଦେଶ ଫେରିବା ପରଠୁ ଏନ୍‌ସିଏରେ ସେ ଚିକିତ୍ସାଧୀନ ଥିଲେ । ଆଗାମୀ କିଛି ଦିନ ମଧ୍ୟରେ ସେ ଅନ୍ତିମ ପର୍ଯ୍ୟାୟ ଫିଟ୍‌ନେସ୍ ପରୀକ୍ଷା ଦେବେ । ଏନ୍‌ସିଏ ପକ୍ଷରୁ ଫିଟ୍‌ନେସ୍ ପ୍ରମାଣ ପତ୍ର ପ୍ରଦାନ କରାଯିବା ପରେ ବୁମରା ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇ ପାରିବେ । ଆସନ୍ତା ଜୁନ୍‌ରେ ଭାରତୀୟ ଦଳ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଯାତ୍ରା କରିବ । ଏହି ସିରିଜ ଜରିଆରେ ଭାରତ ଓ ଇଂଲଣ୍ଡ ୨୦୨୫/୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଅଭିଯାନ ଆରମ୍ଭ କରିବେ । ଏହି ସିରିଜରେ ବୁମରା ଭାରତୀୟ ଦଳର ମୁଖ୍ୟ ଅସ୍ତ୍ର ହେବେ । ତେଣୁ ଆଇପିଏଲ୍‌ରେ ମଧ ବୁମରାଙ୍କ କାର୍ଯ୍ୟଭାରକୁ ନିୟନ୍ତ୍ରଣ କରାଯିବ । ସୂଚନାଯୋଗ୍ୟ, ୨୦୦୭ ପରଠୁ ଇଂଲଣ୍ଡରେ ଭାରତ କୌଣସି ଟେଷ୍ଟ ସିରିଜ ଜିତି ନାହିଁ ।



## ପଞ୍ଜାବକୁ ୨୦୬ ରନ୍ ଟାର୍ଗେଟ୍ ଦେଲା ରାଜସ୍ଥାନ



**ଚଣ୍ଡିଗଡ଼, ୫।୪:** ଚଣ୍ଡିଗଡ଼ଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୧୮ତମ ମ୍ୟାଚରେ ପଞ୍ଜାବକିଙ୍ଗସ ଆଗରେ ୨୦୬ ରନର ଲକ୍ଷ୍ୟ ରଖିଛି ରାଜସ୍ଥାନ ରୟାଲ୍ସ ।

ଏହି ମ୍ୟାଚରେ ପଞ୍ଜାବ ଦଳ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୫ ରନ କରିଥିଲା । ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ ସଂଜୁ ସାମସନ ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ସାମସନ ୩୮ ରନ କରିଥିବାବେଳେ ଜୟସ୍ୱାଲ ମାତ୍ର ୪୫ ବଲରେ ୬୭ ରନ କରିଥିଲେ । ରିୟାନ ପରାଗ ଅପରାଜିତ ୪୩ ରନ କରିଥିବାବେଳେ ସିମରନ ହେଟମେୟର ୨୦ ରନ ଓ ଧ୍ରୁବ ଜୁରେଲ୍ ଅପରାଜିତ ୧୩ ରନ କରିଥିଲେ । ପଞ୍ଜାବ ପକ୍ଷରୁ ଲକି ଫର୍ଗୁସନ ୨ଟି ୱିକେଟ କରିଥିବାବେଳେ ଅର୍ଶଦୀପ ସିଂ ଓ ମାର୍କୋ ଜାନସେନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# କୋଚ୍‌ଙ୍କ ପରାମର୍ଶରେ ରିଟାୟାର୍ଡ ହର୍ଟ୍ ହେଲେ ତିଲକ

**ମୁମ୍ବାଇ, ୫।୪:** ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷ ମ୍ୟାଚ୍ ?ରେ ମାଟି କାମୁଡିଛି ମୁମ୍ବାଇ ଇଣ୍ଡିଆନ୍ସ । ତେବେ ତିଲକ ବର୍ମାଙ୍କ ଖରାପ ବ୍ୟାଟିଂ ହେତୁ ୧୯ ଓଭରରେ ରିଟାୟାର୍ଡ ହର୍ଟ୍ ହେବାକୁ ପଡିଥିଲା । କାରଣ ପ୍ରତି ରନ୍ କରିବାରେ ସେ ହୋଇଥିଲେ ବିଫଳ । ଚୌକା-ଛକା ମାରି ମ୍ୟାଚ୍ ଜିତିବା ପାଇଁ ତାଙ୍କର ସମସ୍ତ ପ୍ରୟାସ ବିଫଳ ହେଉଥିଲା ।

ଏସବୁକୁ ଦେଖି କିଛି ଏମିତି ନିଷ୍ପତ୍ତି ନେଇଥିଲା ମୁମ୍ବାଇ ଇଣ୍ଡିଆନ୍ସ । ତାଙ୍କ ସ୍ଥାନରେ ମିଚେଲ ସାଣ୍ଟନର ବ୍ୟାଟିଂ କରିବାକୁ ଆସିଥିଲେ । ତଥାପି କିଛି ଫଳପ୍ରଦ ହୋଇନଥିଲା, ଶେଷରେ ମୁମ୍ବାଇକୁ ପରାଜୟର ସାମ୍ନା କରିବାକୁ ପଡିଥିଲା । ତେବେ ମ୍ୟାଚ୍ ପରେ, ଅନେକ କ୍ରିକେଟ୍ ବିଶାରଦ ଏହାକୁ ଏକ ଭୁଲ୍ ନିଷ୍ପତ୍ତି ବୋଲି କହିଥିଲେ । ଏବେ ପ୍ରଶ୍ନ ଉଠୁଛି, କାହାର ନିର୍ଦ୍ଦେଶରେ ଫେରଆସିଥିଲେ ତିଲକ ? ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ନା ମୁଖ୍ୟ ପ୍ରଶିକ୍ଷକ ମାହେଲା ଜୟବର୍ଦ୍ଧନେ ?

କହିବାକୁ ଗଲେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷରେ ପରାଜୟ ପରେ, ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ ନିଜେ ପ୍ରକାଶ କରିଥିଲେ ଯେ ତିଲକ ବର୍ମାଙ୍କୁ ରିଟାୟାର୍ଡ ହର୍ଟ୍ କରିବା ନିଷ୍ପତ୍ତି ତାଙ୍କର ଥିଲା । ତାଙ୍କ ମତରେ, ଏହା ଏକ ରଣନୀତିର ଅଂଶ ଭାବରେ କରାଯାଇଥିଲା । ମ୍ୟାଚ୍‌ର ସ୍ଥିତି ଦେଖି, ସେ ଫୁଟବଲ୍ ମ୍ୟାଚ୍ ପରି ତିଲକ ବର୍ମାଙ୍କୁ ଡକାଇପଠାଇଥିଲେ । ସେ କହିଥିଲେ ଯେ ଯେପରି ଏକ ଫୁଟବଲ୍ ମ୍ୟାଚ୍‌ରେ, ପରିଚାଳକ ଶେଷ ମୁହୂର୍ତ୍ତରେ ତାଙ୍କର ବଦଳ ଖେଳାଳିଙ୍କୁ ପଡ଼ିଆକୁ ଆଣନ୍ତି । ସେହିପରି ସେ କ୍ରିକେଟ୍‌ରେ ଏକ ନୂତନ ପରୀକ୍ଷଣ କରିବାକୁ ଚେଷ୍ଟା କରିଥିଲେ, ଯାହା ବହୁତ ଆକର୍ଷଣୀୟ ଥିଲା ।

ପ୍ରକୃତରେ, ମୁମ୍ବାଇକୁ ଶେଷ ୨ ଓଭରରେ ୨୯ ରନ୍ ଆବଶ୍ୟକ ଥିଲା । କିନ୍ତୁ ଯେତେବେଳେ ତିଲକ ବର୍ମା, ଯିଏ ଲଗାତାର ରନ ସ୍କୋର କରିବାକୁ ସଂଘର୍ଷ କରୁଥିଲେ । ଏହି ଓଭରରେ ମଧ କୌଣସି ବାଉଣ୍ଡାରୀ ମାରିପାରିଲେ ନାହିଁ । ପଞ୍ଚମ ବଲ ପରେ ତାଙ୍କୁ ରିଟାୟାର୍ଡ ହର୍ଟ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେ ୨୩ ବଲ୍‌ରେ ମାତ୍ର ୨୫ ରନ୍ କରିଥିଲେ ଏବଂ ତା'ପରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡିଥିଲା ।



**ମୁମ୍ବାଇକୁ ଶେଷ ୨ ଓଭରରେ ୨୯ ରନ୍ ଆବଶ୍ୟକ ଥିଲା । କିନ୍ତୁ ଯେତେବେଳେ ତିଲକ ବର୍ମା, ଯିଏ ଲଗାତାର ରନ ସ୍କୋର କରିବାକୁ ସଂଘର୍ଷ କରୁଥିଲେ । ଏହି ଓଭରରେ ମଧ କୌଣସି ବାଉଣ୍ଡାରୀ ମାରିପାରିଲେ ନାହିଁ । ପଞ୍ଚମ ବଲ ପରେ ତାଙ୍କୁ ରିଟାୟାର୍ଡ ହଟ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେ ୨୩ ବଲ୍‌ରେ ମାତ୍ର ୨୫ ରନ୍ କରିଥିଲେ ଏବଂ ତା'ପରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡିଥିଲା ।**

ଏହିପରି, ସେ ଆଇପିଏଲ୍ ଇତିହାସରେ ରିଟାୟାର୍ଡ ହର୍ଟ୍ ହେବାରେ କେବଳ ଦ୍ୱିତୀୟ ବ୍ୟାଟସମ୍ୟାନ୍ ହୋଇଥିଲେ । ତାଙ୍କ ପୂର୍ବରୁ, ୨୦୨୨ ମସିହାରେ, ରବିଚନ୍ଦ୍ରନ ଅଶ୍ୱିନ ମଧ ରାଜସ୍ଥାନ ପାଇଁ ଖେଳୁଥିବା ସମୟରେ ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍ ରେ ରିଟାୟାର୍ଡ ହର୍ଟ୍ ଥିଲେ । ଯେତେବେଳେ ତିଲକ ରିଟାୟାର୍ଡ ହର୍ଟ୍ ହୋଇଥିଲେ, ପ୍ରଥମ ପ୍ରଶ୍ନ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଉଠିଥିଲା । ସାଧାରଣତଃ କ୍ରିକେଟରେ ଏପରି ବଡ଼ ନିଷ୍ପତ୍ତି ଅଧିନାୟକ ନେଇଥାନ୍ତି ।

ତିଲକଙ୍କୁ ଆଉଟ୍ ଏବଂ ତାଙ୍କ ସ୍ଥାନରେ ସାଣ୍ଟନରଙ୍କୁ ପଠାଇବା ସମୟ ଉପରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଥିଲେ । ସେ କହିଛନ୍ତି ଯେ ଏହା ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟା ମଧ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଏକ ଧୀର ଇନିଂସ ଖେଳିଥିଲେ । ସେ ୧୭ ବଲ୍‌ରେ ମାତ୍ର ୧୧ ରନ୍ କରିପାରିଥିଲେ । ସେତେବେଳେ ଏପରି କୌଣସି ନିଷ୍ପତ୍ତି ନିଆଯାଇ ନଥିଲା । ଯଦି ତିଲକଙ୍କୁ ବାହାରକୁ ପଠାଇବାକୁ ପଡୁଥିଲା, ତେବେ ତାଙ୍କୁ ଏହି ପଦକ୍ଷେପ ୨-୩ ଓଭର ପୂର୍ବରୁ ନେବା ଉଚିତ ଥିଲା ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar